ଆଜି - ରବିବାର
ତାରିଖ - ୩୧ ମଇ ୨୦୨୬
ମାସ - ବୃଷ, ଦିନ - ୧୭
ତିଥି - ପୂର୍ଣ୍ଣିମା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଅନୁରାଧା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫ : ୧୧ : ୦୦
ସୂର୍ଯ୍ୟାସ୍ତ - ୬ : ୧୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ଦେଶ ସ୍ୱାଧୀନ ବୋଲି ଅନୁଭବ କରିବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ଏବଂ ଦେଶର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ।"
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ


E-News : www.Ajikali epaper.com

Vol.- 41 ISSUE- 47 R.N.I. REGD. No. 44026/86 ବାଲେଶ୍ୱର ୩୧ ମଇ ୨୦୨୬ ରବିବାର BALASORE 31 MAY 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ନମ୍ରତା, କ୍ଷମା ଏବଂ ଉତ୍ତମ ଆଚରଣ ହେଉଛି ବ୍ୟକ୍ତିତ୍ୱର ପ୍ରକୃତ ଅଳଙ୍କାର: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଦିନ ଏକ ସଂସ୍କୃତ ପ୍ରବାଦକୁ ସେୟାର କରି କହିଛନ୍ତି ଯେ ନମ୍ରତା, କ୍ଷମା ଏବଂ ଉତ୍ତମ ଆଚରଣ ହେଉଛି ବ୍ୟକ୍ତିତ୍ୱର ପ୍ରକୃତ ଅଳଙ୍କାର । ସେ କହିଛନ୍ତି ଯେ ଏହି ଗୁଣଗୁଡ଼ିକ ସହିତ ଆଜି ଦେଶବାସୀ ଏକ ବିକଶିତ ଭାରତର ସଂକଳ୍ପକୁ ପୂରଣ କରିବାରେ ନିରନ୍ତର ନିୟୋଜିତ ଅଛନ୍ତି । 'ନମ୍ରତା, କ୍ଷମା ଏବଂ ଉତ୍ତମ ଆଚରଣ ହେଉଛି ବ୍ୟକ୍ତିତ୍ୱର ପ୍ରକୃତ ଅଳଙ୍କାର' ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି । ଏହି ଗୁଣଗୁଡ଼ିକ ସହିତ ଆଜି ଦେଶବାସୀ ଏକ ବିକଶିତ ଭାରତର ସଂକଳ୍ପକୁ ପୂରଣ କରିବାରେ ନିରନ୍ତର ନିୟୋଜିତ ଅଛନ୍ତି । ଏହା ସହିତ, ସେ ଏକ ସଂସ୍କୃତ ପ୍ରବାଦ ସେୟାର କରି ଲେଖିଥିଲେ : ତେଜ: କ୍ଷମା ଧୃତି-ଶଓଚମୁଦ୍ରୋହୋ ନାଟିମାନିତା । ଭାରତ ସମ୍ବଳରେ ସମୃଦ୍ଧ । ଏହି ଅଭିବ୍ୟକ୍ତିର ଅର୍ଥ ହେଉଛି ଦ୍ରୁତତା, କ୍ଷମା, ଧୈର୍ଯ୍ୟ, ସତୀତ୍ୱ, କାହା ପ୍ରତି ବିଦ୍ୱେଷ ଏବଂ ଅହଂକାରରୁ ନିବୃତ୍ତ ରହିବା ହେଉଛି ଦିବ୍ୟ ଗୁଣ ଯାହା ଜଣେ ବ୍ୟକ୍ତିଙ୍କୁ ଏକ ଉଚ୍ଚତର ବ୍ୟକ୍ତିତ୍ୱ ସହିତ ଚିହ୍ନଟ କରେ ।

## ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ପାଇଁ ୧.୦୮ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଆଗକୁ ଆସୁଛି ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା । ପ୍ରତ୍ୟେକ ବର୍ଷ ସମ୍ବଲପୁର ସହରରେ ଏହା ଧୁମଧାମରେ ପାଳିତ ହୁଏ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, "ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି । ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ", ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ବାଜା, ବାଣ ରୋଶଣୀରେ ଦୁଲୁକେ ଶୀତଳଷଷ୍ଠୀ । ଶିବ-ପାର୍ବତୀଙ୍କ ବିବାହ ପରମ୍ପରା ସମ୍ପୂର୍ଣ୍ଣ ଭାବେ ମାନବୀୟ ଉପଚାରରେ ହୋଇଥାଏ । ଏହି ପର୍ବରେ ଦେବଦେବ ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ରା ବାହାରିବା ସହିତ ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରିବାର ପରମ୍ପରା ରହିଛି । ସମ୍ବଲପୁର ସହରରେ ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ା, ବାଲିବନ୍ଧାର ସୋମନାଥ ବାବା, ବଡ଼ ବଜାର, ଠାକୁରପଡ଼ା ସହ ପାଖାପାଖି ୩୦ଟି କମିଟିର ଶୀତଳ ଷଷ୍ଠୀ ଯାତ୍ରା ହୋଇଥାଏ । ଚଳିତବର୍ଷ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଉଭୟ ସୁରକ୍ଷା ଓ ଶୃଙ୍ଖଳା ଉପରେ ପ୍ରଶାସନ ପକ୍ଷରୁ ଦିଆଯାଉଛି ସ୍ୱତନ୍ତ୍ର ଧ୍ୟାନ ।





## ଗୁଜରାଟର ଭୁଜରେ ସୀମା ସଂପର୍କିତ ସମସ୍ୟା ନେଇ ସମୀକ୍ଷା କଲେ ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଗୁଜରାଟର ଭୁଜରେ ଏକ ସୁରକ୍ଷା ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଭାରତ-ପାକିସ୍ତାନ ସୀମା ସଂଲଗ୍ନ ଗୁଜରାଟର ସୀମାନ୍ତ ଏବଂ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗରେ ଚର୍ଚ୍ଚା କରାଯାଇଥିଲା । ଏହି ଅବସରରେ ଗୁଜରାଟର ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ରାଜ୍ୟ ସରକାରୀ ଅଧିକାରୀ, କଚ୍ଛ, ଭାଭ-ଥରଡ ଏବଂ ପାଟନ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳ ଏବଂ ପୋଲିସ ଅଧିକ୍ଷକ (ଏସପି) ଉପସ୍ଥିତ ଥିଲେ । ଏହି ବୈଠକରେ ଭାରତ-ପାକିସ୍ତାନ ସୀମାନ୍ତରେ ଥିବା ଏହି ସୀମାନ୍ତ ଅଂଚଳଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଥିଲା ଓ ଅଧିକ ଦୃଢ଼ ଏବଂ ବ୍ୟାପକ ସୀମା ପରିଚାଳନା ହାସଲ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏକ୍ଷେତ୍ରରେ ରାଜ୍ୟ ସରକାର, ବିଶେଷକରି ଜିଲ୍ଲାପାଳ ଓ ଏସପିଙ୍କ ଆବଶ୍ୟକୀୟ ସକ୍ରିୟ ଏବଂ ପ୍ରଭାବଶାଳୀ ଭୂମିକା ନିର୍ବାହ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଥିଲେ ଯେ ସୀମାରେ ବାଡ଼, ସାମୁଦ୍ରିକ ସୁରକ୍ଷା ପଦକ୍ଷେପ ଏବଂ ରାଜ୍ୟ ସରକାରଙ୍କ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଯୋଗୁଁ ଗୁଜରାଟର ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି । ଏହା ଫଳରେ ରାଜ୍ୟରେ ଅନୁପ୍ରବେଶ ଏବଂ ସୀମା ଦେଇ ଚୋରା ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ସେ ନିର୍ଦ୍ଦେଶ ଦେଇଥିଲେ ଯେ ଅନ୍ତର୍ଜାତୀୟ ସୀମାର ୦ ରୁ ୧୫ କିଲୋମିଟର ଅଂଚଳ ମଧ୍ୟରେ ଯେକୌଣସି ଅନଧିକୃତ ଜବରଦଖଲକୁ ଦୂର କରିବା ଦିଗରେ 'ଶୂନ୍ୟ ସହନଶୀଳତା' ଆଭିମୁଖ୍ୟ ଗ୍ରହଣ କରାଯିବା ଉଚିତ । ସେ ସୀମାନ୍ତ ଅଂଚଳରେ ମୌଳବାଦର ସମ୍ଭାବ୍ୟ କେନ୍ଦ୍ରଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଅମିତ ଶାହ କହିଥିଲେ ଯେ ସୀମାନ୍ତ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନେ ସେମାନଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ଘଟୁଥିବା ଯେକୌଣସି ଜନସଂଖ୍ୟାଗତ ପରିବର୍ତ୍ତନ ଉପରେ କଡ଼ା ନଜର ରଖି ନିୟମିତ ରିପୋର୍ଟ ଦେବା ଉଚିତ । ସୀମାବର୍ତ୍ତୀ ଇଲାକାରେ ଶିଳ୍ପାୟନ ଯୋଗୁଁ ହେଉଥିବା ବିପରୀତଗାମୀ ପ୍ରବାସନ ଏକ ସ୍ୱାଗତଯୋଗ୍ୟ ଘଟଣାକ୍ରମ ବୋଲି ସେ ମତ ଦେଇଥିଲେ ।

## ଆସନ୍ତାକାଲିରୁ ୩୦ ଜୁନ୍ ପର୍ଯ୍ୟନ୍ତ ଦେଶବ୍ୟାପି ଚାଲିବ ଖେତ ବଚାଓ ଅଭିଯାନ : ମନ୍ତ୍ରୀ ଶିବରାଜ ସିଂହ ଚୌହାନ



ନୂଆଦିଲ୍ଲୀ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ 'ଖେତ ବଚାଓ ଅଭିଯାନ'କୁ କେବଳ ଏକ ସଚେତନତା କାର୍ଯ୍ୟକ୍ରମ ନୁହେଁ ବରଂ ଚାଷ, ଚାଷୀ ଏବଂ ଗ୍ରାମଗୁଡ଼ିକୁ ସଂଯୋଗ କରୁଥିବା ଏକ ବ୍ୟାପକ ଜାତୀୟ ଅଭିଯାନ କରିବାର ବାର୍ତ୍ତା ଦେଇଛନ୍ତି । ଆଜି ଦିଲ୍ଲୀରେ ପ୍ରସ୍ତୁତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ଶ୍ରୀ ଶିବରାଜ ସିଂହ କହିଛନ୍ତି ଯେ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାରର ସନ୍ତୁଳିତ ଏବଂ ବିଚାରବନ୍ତ ବ୍ୟବହାର, ପାଣିପାଗ ସମ୍ବନ୍ଧୀୟ ସମସ୍ୟାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ, ପଂଚାୟତ ସ୍ତରରେ ସକ୍ରିୟ ଅଂଶଗ୍ରହଣ ଏବଂ ସରକାରୀ ଯୋଜନାର ଲାଭକୁ ସିଧାସଳଖ ଗାଁ ପର୍ଯ୍ୟନ୍ତ ପହଂଚାଇବା । ଜୁନ ୧ରୁ ଆରମ୍ଭ ହେବାକୁ ଥିବା ଏକ ମାସବ୍ୟାପୀ 'ଖେତ ବଂଚାଅ ଅଭିଯାନ'କୁ ପ୍ରଭାବଶାଳୀ ଓ ଫଳଦାୟକ କରିବା ପାଇଁ କେନ୍ଦ୍ରୀୟ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଅଧିକାରୀମାନଙ୍କୁ ଖେତ ସୁରକ୍ଷା, ଖର୍ଚ୍ଚର ସମତୁଳନ ଏବଂ କୃଷକମାନଙ୍କୁ ସମୟୋପଯୋଗୀ ଓ ସଠିକ୍ ମାର୍ଗଦର୍ଶନ ଦେବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଅଭିଯାନ ଉପରୁ-ତଳକୁ (top-down) ମଡେଲ୍ରେ ଚାଲିବ ନାହିଁ, ବରଂ ପଂଚାୟତରୁ ଆରମ୍ଭ କରି ରାଜ୍ୟ ଏବଂ କେନ୍ଦ୍ର ପର୍ଯ୍ୟନ୍ତ ଏକ ସହଭାଗୀତା ଆଧାରିତ ମଡେଲ୍ରେ ପରିଚାଳିତ ହେବ । ବୈଠକରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଗୁରୁତ୍ୱାରୋପ କରିଥିଲେ ଯେ ରାସାୟନିକ ସାରର ଅନିୟନ୍ତ୍ରିତ ବ୍ୟବହାରକୁ କମେଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେବ ।

## ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିବସରେ ଯୋଗଦେବା ଅବସରରେ ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଭାବାନ ବିଦ୍ୟାର୍ଥୀ , ଶିକ୍ଷାବିତମାନ ଓ କାର୍ଯ୍ୟକର୍ତ୍ତାଙ୍କ ସହ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ହରିଚନ୍ଦନ କହିଛନ୍ତି ରାଷ୍ଟ୍ର ଗଠନ, ଚରିତ୍ର ନିର୍ମାଣ ଓ ସଶକ୍ତ ନେତୃତ୍ୱ ପ୍ରଦାନ କ୍ଷେତ୍ରରେ ବିଦ୍ୟାର୍ଥୀ ପରିଷଦର ଉଦ୍ୟମ ସଦାସର୍ବଦା ଅତୁଳନୀୟ । ଏବିଭିପି 'ଛାତ୍ର ଶକ୍ତି ହିଁ ରାଷ୍ଟ୍ର ଶକ୍ତି' ନାରାକୁ ଆହ୍ୱାନ ଦେଇ ଦେଶକୁ କେବଳ ଛାତ୍ର ନେତୃତ୍ୱ ଦେଇ ନାହିଁ, ବରଂ ରାଷ୍ଟ୍ରହିତ ପାଇଁ ସମର୍ପିତ ଚରିତ୍ରବାନ ନାଗରିକ ମଧ୍ୟ ପ୍ରଦାନ କରିଛି । ଏହି ଅବସରରେ ଏବିଭିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରଫେସର ରଘୁରାଜ କିଶୋର



ତିୱାରୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡକ୍ଟର ବୀରେନ୍ଦ୍ର ସିଂହ ସୋଲାଙ୍କି , ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶିଷ ଚୌହାନ, ରାଷ୍ଟ୍ରୀୟ ସହ ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ, କ୍ଷେତ୍ରୀୟ ସହ ସଂଗଠନ ସମ୍ପାଦକ ବୈଲୋଚନ ସାହୁଙ୍କ ସମେତ ଅନ୍ୟାନ୍ୟ ପ୍ରାନ୍ତୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଏହା ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ପ୍ରଦର୍ଶନୀରେ ଆମ ଓଡ଼ିଶାର ଗୌରବମୟ ଇତିହାସ, ସମୃଦ୍ଧ ସଂସ୍କୃତି, ପରମ୍ପରା, ଲୋକକଳା, ହସ୍ତଶିଳ୍ପ ଓ ଭାସ୍କର୍ଯ୍ୟକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା । ଏହାସହିତ, ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବର୍ଷସାରା ଦେଶବ୍ୟାପୀ କରାଯାଇଥିବା ବିଭିନ୍ନ ସୃଜନାତ୍ମକ କାର୍ଯ୍ୟ, ସେବା କାର୍ଯ୍ୟକଳାପ, ଛାତ୍ର ଆନ୍ଦୋଳନ ଏବଂ ବିଭିନ୍ନ ଆୟାମର କାର୍ଯ୍ୟାବଳୀକୁ ମଧ୍ୟ ସୁସଙ୍ଗତ ଭାବେ ଉପସ୍ଥାପିତ କରାଯାଇଥିଲା ଯାହାକି ବର୍ତ୍ତମାନର କାର୍ଯ୍ୟକର୍ତ୍ତା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ମନ୍ତ୍ରୀ କହିଛନ୍ତି ।




# ହାଇଦର ଖାଁଙ୍କ ଜନ୍ମ ଦିବସରେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଦାଶ ଶୁଭେଚ୍ଛା ଜଣାଇଲେ



ବାଲେଶ୍ୱର (ନି.ପ୍ର.) ମୁଖ୍ୟତଃ ପିଲାମାନଙ୍କର ଭବିଷ୍ୟତ ଗଠନ ଏବଂ ସେମାନଙ୍କ ଜନ୍ମଦିନ ପାଳନ କରିବା ପାଇଁ ଘରେ ମା', ବାପା, ଭାଇ ଭଉଣୀ ଓ ଆତ୍ମୀୟ ସମସ୍ତେ ଜନ୍ମଦିନକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ବେଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ପ୍ରତିନିଧି ବୃନ୍ଦ ଘରଠାରୁ ଦୂରରେ ଆସି ସଦର ମହକୁମାରେ ବସବାସ କରି ତୃଣମୂଳସ୍ତରରେ ୨୪ ଘ[। ସମ୍ବାଦ ସଂଗ୍ରହ ପରିବେଷଣ କ୍ଷେତ୍ରରେ ନିଜକୁ ଗୁରୁତ୍ୱ ଦେଉଥିବାବେଳେ ଭୁଲିଯାଆନ୍ତି ନିଜର ଜନ୍ମଦିନ ତାରିଖ । ଏମିତିକି ଘରୁ ଜନ୍ମଦିନ ପାଳନ ପାଇଁ ଘରକୁ ଆସିବା ନିମନ୍ତେ ଖବର ଆସିଲେ ମଧ୍ୟ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସେମାନେ ଯାଇପାରନ୍ତି ନାହିଁ । ହେଲେ ସେଥି ମଧ୍ୟରୁ ବାଲେଶ୍ୱର ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଙ୍କର ନିଆରା ଢଙ୍ଗରେ ୩୦ ତାରିଖ ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ ବରଗଛ ମୂଳରେ ପାଳନ ହୋଇଯାଇଛି ଜନ୍ମଦିନ । ବଟ ବୃକ୍ଷ ସୁରକ୍ଷା ମଂଚ ବାଲେଶ୍ୱର ଗଣମାଧ୍ୟମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ । ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୈନିକ ଖବର କାଗଜ ଧରିତ୍ରୀର ବାଲେଶ୍ୱର ପ୍ରତିନିଧି ମୃତ୍ୟୁଞ୍ଜୟ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟରେ କହିଥିଲେ କି, ଆଜି



ଗଣମାଧ୍ୟମର ପ୍ରତିନିଧି ମହମ୍ମଦ ହାଇଦର ଖାନ୍ ଙ୍କ ଜନ୍ମଦିବସ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ପାଳନ ହେଉଛି । ଭଗବାନ ତାଙ୍କର ଉତରତୋର ଉନ୍ନତି କରିବା ସହ ସାମ୍ବାଦିକ ବୁଦ୍ଧେଶ୍ୱର ସର୍ବଦା ନିଜ କର୍ତବ୍ୟ ପଥରେ ରହି ଜନମାନସରେ ସାମାଜିକ ସେବା ଯୋଗାଇଦେବା ଏବଂ ସେମାନଙ୍କ ସମସ୍ୟା ଲୋକଲୋଚନରେ ଆଦୃତ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସେମାନେ ଯେଉଁ ନ୍ୟାୟ ପାଇବେ ସେଦିଗରେ ଗୁରୁତ୍ୱ ଦେବା ଏକାନ୍ତ ଜରୁରୀ ବୋଲି କହିଥିଲେ । ଏହି ଅବସରରେ ଦୈନିକ ଖବର କାଗଜ ଧରିତ୍ରୀର ବାଲେଶ୍ୱର ପ୍ରତିନିଧି ମୃତ୍ୟୁଞ୍ଜୟ ପଟ୍ଟନାୟକ ମହମ୍ମଦ ହାଇଦର ଖାନ୍ ଙ୍କୁ ମିଷ୍ଟାନ୍ନ ଖୁଆଇ ଆର୍ଶିବାଦ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ଦାସ, ସାମ୍ବାଦିକ ଭଗବାନ ଚନ୍ଦ୍ର ଦାସ, ଚିତରଞ୍ଜନ ନାୟକ, ବିଜୟ କୁମାର ଦାସ, ତପନ ଦାସ, ମନୋଜ କୁମାର ବିଶ୍ୱାଳ, ସୁବ୍ରତ କୁମାର ଦାସ, ପ୍ରସନ୍ନଜିତ୍ ସେଠୀ, ପ୍ରସନ୍ନଜିତ୍ ଆସ, ଗିରିଶ ଦାଶ, ପ୍ରଦୀପ ଦାସଓ ସଞ୍ଜିତ୍ କୁମାର ଘୋଷ ପ୍ରମୁଖ ଉପସ୍ଥିତ ରହି ଜନ୍ମଦିନ ଅବସରରେ ଦୀର୍ଘ ଜୀବନୀ ଓ ଶୁଭେଚ୍ଛା କାମନା କରିଥିଲେ ।

# ଭୋଟର ତାଲିକା ହେବ ନିର୍ଭୁଲ: ଜିଲ୍ଲାପାଳ

ବାଲେଶ୍ୱର, (ନି.ପ୍ର.): ଭାରତୀୟ ନିର୍ବାଚନ କମିଶନ(ଇସିଆଇ) ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆଜି ଠାରୁ ଅର୍ଥାତ୍ ୩୦ ମେ ୨୦୨୬ରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେଉଛି । ଏହା ଆସନ୍ତା ୬ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ ।

ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଉପଲକ୍ଷେ ଗତକାଲି ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।

ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବୁଢ଼ାନ ହେମ୍ବ୍ରମ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସମୀକ୍ଷା ବେହୁରା ଅଧିକାରିଣୀ - ଡିଷ୍ଟ୍ରିକ୍ଟ ଇଲେକ୍ସନ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ ।

ସାମ୍ବାଦିକ ସମ୍ମିଳନୀକୁ ଉଦବୋଧନ କରି ଜିଲ୍ଲାପାଳ କହିଲେ ଯେ, ଏସଆଇଆରର ମୁଖ୍ୟ ଲକ୍ଷ୍ୟ ହେଉଛି ଭୋଟର୍ ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିର୍ଭୁଲ ଓ ଅପଡେଟ୍ କରିବା । ୩୦ ମେରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ)ମାନେ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଂଚ କରିବା ସହ ଆବଶ୍ୟକ ପରିଗଣନା ଫର୍ମ ପ୍ରଦାନ କରି ଏହାକୁ ସଂଗ୍ରହ କରିବେ । ସମସ୍ତ ପ୍ରକାର ସଂଶୋଧନ ପରେ ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଶେଷରେ ଜିଲ୍ଲାପାଳ ଏହି ଜାତୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।




# ବାଲେଶ୍ୱର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିଶାଳ ରକ୍ତ ଦାନ ଶିବିର ଆୟୋଜିତ: ମୋଟ ୨୨୨ ୟୁନିଟ ରକ୍ତ ସଂଗୃହିତ

ବାଲେଶ୍ୱର(ନି.ପ୍ର.) ସ୍ଥାନୀୟ ଦୁର୍ଗା ଗାର୍ଡେନ କଲ୍ୟାଣ ମଣ୍ଡପ ପରିସର ରେ ଶନିବାର ପୂର୍ବାହ୍ନ ରେ ବାଲେଶ୍ୱର ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ସନ୍ଧ୍ୟା ଛ 'ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ମୋଟ ୨୨୨ ୟୁନିଟ ରକ୍ତ ସଂଗୃହିତ ହୋଇଛି । ପୂର୍ବାହ୍ନ ଦଶ ଘଟିକା ରେ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ରକ୍ତଦାନ ଶିବିର କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ଓ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ସମ୍ପାଦକ ବିଭୁ ଦତ ପରିଡା ଙ୍କ ଆବାହକତ୍ୱ ରେ ଆୟୋଜିତ ରକ୍ତ ଦାନ ଶିବିର ରେ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ଯୁବ ବିଜୁ ଜନତା ଦଳ ଉପସଭାପତି ମନୋଜ ସେନାପତି,



ଉପସଭାପତି ଅରୂପ ଶ୍ରୀ ଚନ୍ଦନ ଓ ତାପସ ପାଣିଗ୍ରାହୀ, ସଦର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ନେତ୍ରୀ ମୀରା ପରିଡା, ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଗିରିଶ ଦତ ଓ ଜୟରାମ ଦାସ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ସ୍ୱାଇଁ ଅଭିଜିତ ଦାସ ଓ ଶାନ୍ତନୁ ଦାସ,ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଓଡିଶା ଖବର ସମ୍ପାଦକ ଅମୀୟ ମହାନ୍ତି, ରାଜ୍ୟ ବିଜୁ ଜନତା ଦଳର ପୂର୍ବତନ ଯୁଗ୍ମ ସମ୍ପାଦକ ସତ୍ୟ ରଞ୍ଜନ ଦାସ, ଯୁବ ନେତା ଜିତ ପ୍ରକାଶ ଦାଶ, ଯୁବ ନେତା ରାଜାଶ୍ରୀ ମହାନ୍ତି,ତାପସ ପରିଡା, ବାଲେଶ୍ୱର ଜିଲ୍ଲା ଓକିଲ ସଙ୍ଘ ସଭାପତି ମନୋଜ ନାୟକ, ଜିଲ୍ଲା ରକ୍ତ ଦାତା ସଙ୍ଘ ସଭାପତି କମଳ ଚକ୍ରବର୍ତୀ, ବରିଷ୍ଠ ଆଇନଜୀବି ପ୍ରଣବ କୁମାର ପଣ୍ଡା, ପରିବେଶବିତ ରଘୁନାଥ ଲେଙ୍କା, କାଉନସିଲର ସନ୍ଧ୍ୟାରାଣୀ ଜେନା, ରାଜଲକ୍ଷ୍ମୀ ଚାଟାର୍ଜି, ପୂର୍ବତନ କାଉନସିଲର ଇନ୍ତେଖାବ ଅଲ୍ଲୀ ଖାନ, ଆସମା ବିବି, ଓ ତବସୁମ ବିବି,ସେକ ରାଜୁ,ବିଜେଡି ନେତା ସଂଗ୍ରାମ ମଲ୍ଲିକ, ଅକୁର ତରେଇ,ସୁଜିତ ପଣ୍ଡା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ଆଜିର କାର୍ଯ୍ୟକ୍ରମକୁ ସଫଳ କରିବା କ୍ଷେତ୍ର ରେ ସୌଭାଗ୍ୟ ଖୁଣ୍ଟିଆ, ଅଦ୍ୟା ଆଶୁତୋଷ,ବିକାଶ କୁମାର ବେହେରା, ଅଭିଷେକ ମହାନ୍ତି, ହୃଷିକେଶ ବେହେରା, ସଂଜୀବ କୁମାର ହାତୀ, ଲକ୍ଷ୍ମନ ପ୍ରଧାନ,ତପନ ଦାସ,ଦୀପକ ଜେନାଙ୍କ ସମେତ ବହୁ ଯୁବ ଓ ଛାତ୍ର ଜନତା ଦଳ ର ସଭ୍ୟ ଙ୍କର ସହଯୋଗ ମିଳିଥିଲା ।

# ବାଲେଶ୍ୱରରେ ଡ. ଜ୍ୟୋତିସ୍କର ମହାପାତ୍ର ଫାଉଣ୍ଡେସନର ଦ୍ୱିତୀୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.) ଡ. ଜ୍ୟୋତିସ୍କର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ?ଠାରେ ଆଜି ସନ୍ଧ୍ୟାରେ ଦ୍ୱିତୀୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । 'ଯୁଦ୍ଧ ଓ ଶାନ୍ତି: ଭାରତ ସମ୍ମୁଖରେ ଆହ୍ୱାନ ଓ ସୁଯୋଗ' ଶୀର୍ଷକ ବିଷୟ ଉପରେ ଏହି ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର୍ ନେତାଜୀ ଅଭିନନ୍ଦନ କହିଥିଲେ ଯେ, ପୂର୍ବରୁ ଅନ୍ତର୍ଜାତୀୟ ସମ୍ପର୍କ ଯୁଦ୍ଧ ଓ ଶାନ୍ତିକୁ ନେଇ ଆରମ୍ଭ ହୋଇଥିଲା । ହେଲେ ବର୍ତମାନ ବିଶ୍ୱ ରାଜନୀତିକୁ ପୁଞ୍ଜିପତିମାନେ ନିୟନ୍ତ୍ରଣ କରୁଛନ୍ତି ଏବଂ ସେମାନଙ୍କ ହିସାବରେ ସରକାର ଚାଲୁଛି । ବିଶ୍ୱ ବଜାର ନିୟନ୍ତ୍ରଣ ପାଇଁ ଯୁଦ୍ଧ କରାଯାଉଛି । ଆମେରିକା-ଇରାନ ଯୁଦ୍ଧର କୌଣସି ଯଥାର୍ଥତା ନାହିଁ, ତଥାପି ଯୁଦ୍ଧ ଜାରି ରହିଛି ବୋଲି ସେ ମତ




ଦେଇଥିଲେ । ସେ ଆହୁରି କହିଥିଲେ, ବର୍ତମାନ କୌଣସି ନୀତି ବା ନିୟମ ନାହିଁ । ଏଭଳି ସ୍ଥିତିରେ ଭାରତ କାହା ସହିତ ଛିଡ଼ା ହେବ, ତାହା ଏକ ବଡ଼ ଆହ୍ୱାନ । କିଛି ରାଷ୍ଟ୍ର ଯୁଦ୍ଧ ଦ୍ୱାରା ଅର୍ଥନୀତି ଆଗକୁ ବଢ଼ିବ ବୋଲି ଭାବି ଆଗେଇ ଚାଲିଛନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥା କେଉଁଠି ନାହିଁ, ସବୁଠି କେବଳ ଲାଭକୁ ପ୍ରାଧାନ୍ୟ ଦିଆଯାଉଛି । ଶକ୍ତିଶାଳୀ ରାଷ୍ଟ୍ର ଅନ୍ୟ ଦେଶ ଉପରେ ଆକ୍ରମଣ କରୁଛନ୍ତି । ମିଳିତ ଜାତିସଂଘ ଏବେ 'କାଗଜ ବାଘ' ପାଲଟିଛି ଏବଂ କେହି ଏହାକୁ ମାନୁ ନାହାନ୍ତି ବୋଲି ପ୍ରଫେସର ଅଭିନନ୍ଦନ କ୍ଷୋଭ ପ୍ରକାଶ କରିଥିଲେ । ଭବିଷ୍ୟତ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ୨୦୪୭ର ବିକଶିତ ଭାରତ ପାଇଁ ଆଗାମୀ ଯୁଦ୍ଧ ଡାଟା ବା ତଥ୍ୟକୁ ନେଇ ହେବ । ସ୍ୱପ୍ନ ପୂରଣ ପାଇଁ ଗବେଷଣା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ନଚେତ୍ ଭାରତ ପଛରେ ପଡ଼ିଯିବ । ବାଲେଶ୍ୱର ଓକିଲ ସଂଘର ସଭାପତି ଆଇନଜୀବୀ ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ ପକ୍ଷରୁ ପ୍ରଫେସର୍ ନେତାଜୀ ଅଭିନନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । କବି ଶ୍ରୀଦେବ ଓ ସନ୍ତୋଷ ଅଗସ୍ତି ପ୍ରମୁଖ ଡ. ଜ୍ୟୋତିସ୍କର ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମକୁ ଗୋପାମୁଦ୍ରା ମହାପାତ୍ର ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ଜନତା ପାର୍ଟିର ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ଉଦ୍‌ଯାପିତ

ବାଲେଶ୍ୱର(ନି.ପ୍ର.)ଭାରତୀୟ ଜନତା ପାର୍ଟିର ବାଲେଶ୍ୱର ଉତର ସାଂଗଠନିକ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ପକ୍ଷରୁ ୨ ଦିନ ଧରି ଚାଲିଥିବା ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶନିବାର ସନ୍ଧ୍ୟାରେ ପାଛୁଡିଆ ସ୍ଥିତ ପଦ୍ମାବତୀ ପାର୍କ ସ୍ଥିତ ଅଡିଟୋରିୟମ ହଲ୍ ?ରେ ଉଦଯାପିତ ହୋଇଯାଇଛି । ଉତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ବର୍ଗ ଉଦଯାପନୀ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା, ସଂସ୍କୃତି ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ, ଅନୁସୂଚିତ ଜନଜାତି ବିଜେପି ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦରା ସୋରେନ, ରାଜ୍ୟର ଉପସଭାନେତ୍ରୀ ସିପ୍ରା ବାଜପେୟୀ,ଉତର ବାଲେଶ୍ୱର ସାଂଗଠନିକ ଜିଲ୍ଲାର ପ୍ରଭାରୀ ଉମାକାନ୍ତ ମହାପାତ୍ର, ବର୍ଗ ସହ ପ୍ରଭାରୀ ପ୍ରମିଳା ପଣ୍ଡା, ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ, ଭୋଗରାଇ ବିଜେପି ବିଧାୟକ




ପ୍ରାର୍ଥୀ ଆଶିଷ ପାତ୍ର, ବସ୍ତା ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ପ୍ରମୁଖ ଯୋଗଦେଇ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଅନ୍ତର୍ଗତ ପ୍ରଶିକ୍ଷଣ ବର୍ଗର ଗୁରୁତ୍ୱ, ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।ପ୍ରଶିକ୍ଷଣ ବର୍ଗରେ କିଶୋର କୁମାର ପଣ୍ଡା, ସୁରଥ ବିଶ୍ୱାଳ, ବିରଂଚି ନାରାୟଣ ତ୍ରିପାଠୀ, ଉମାକାନ୍ତ ମହାପାତ୍ର, ସରୋଜ ଶତପଥୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ସମାରୋପ ସତ୍ର ସମ୍ପର୍କରେ କଥା ରଖିଥିଲେ । । ବିଜେପି ରାଜ୍ୟ ପ୍ରବକ୍ତା ଇଂ ବିଭୂପଦ ଦାସ ଶିବିରାର୍ଥୀମାନଙ୍କୁ ଗଣମାଧ୍ୟମ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା ବର୍ଗ ପ୍ରମୁଖ କମଳ ଲୋଚନ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ୨ଦିନ ଧରି ଚାଲିଥିବା ଏହି ଆବାସିକ ପ୍ରଶିକ୍ଷଣ ବର୍ଗରେ ବିଜେପି ଉତର ବାଲେଶ୍ୱର ଜିଲ୍ଲା କମିଟି, ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ଜିଲ୍ଲା ପରିଷଦ ସଦସ୍ୟ-ସଦସ୍ୟା, ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ବ୍ଲକ ଅଧ୍ୟକ୍ଷ-ଅଧ୍ୟକ୍ଷା, ପୌର ପରିଷଦର ନିର୍ବାଚିତ ପ୍ରତିନିଧି ଏବଂ ପୂର୍ବତନ ଜିଲ୍ଲା ସଭାପତିମାନେ ଶବିରାର୍ଥୀ ଭାବେ ଯୋଗ ଦେଇଛନ୍ତି । ଦୁଇ ଦିନରେ ମୋଟ ୧୨ଟି ଅଧିବେଶନ ହୋଇଥିବା ବେଳେ ପ୍ରଥମ ଦିବସରେ ୬ଟି ଓ ଦ୍ୱିତୀୟ ଦିବସରେ ୬ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଉତର ବାଲେଶ୍ୱର ମିଡ଼ିଆ ସଂଯୋଜକ ଦିବାକର ରାଉତ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।


# 'ମନା' ତରଫରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ

ବାଲେଶ୍ୱର, (ନି.ପ୍ର.): ଆଜି ପୂର୍ବାହ୍ନରେ ମିଳିତ ନିଶା ନିବାରଣ (ମନା), ବାଲେଶ୍ୱର ତରଫରୁ ସଦସ୍ୟମାନେ ବାଲେଶ୍ୱରରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଶ୍ରୀଯୁକ୍ତ ତପନ କୁମାର ଖୁ□ଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଫୁଲକୁଣ୍ଡ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ସଭାପତି ପ୍ରଭାକର ସାହୁ ନିଶା ନିବାରଣ କ୍ଷେତ୍ରରେ 'ମନା'ର ଆଭିମୁଖ୍ୟ ବିଷୟରେ ପ୍ରକାଶ କରିଥିଲେ । ବରିଷ୍ଠ ଉପଦେଷ୍ଟା ସୁବ୍ରତ କର 'ମନା' କରୁଥିବା ସଚେତନତା କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏହି ଦିଗରେ ପ୍ରଶାସନିକ ସାହାଯ୍ୟ, ସହଯୋଗ କାମନା କରିବା ସହିତ ଚଳିତବର୍ଷର 'ମୁଖପତ୍ର' ଓ ନୀତିକୃଷ୍ଣ ଚୌଧୁରୀଙ୍କ ପୁସ୍ତକ ପ୍ରଦାନ କରିଥିଲେ । ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଓ ଗଙ୍ଗାଧର ଦାସ ମଧ୍ୟ ଉପସ୍ଥିତ ରହି ଶ୍ରୀଯୁକ୍ତ ଖୁ□ଆଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



# ସଂଧ୍ୟାରେ ରାସ୍ତା କାମ ସରିଲା,ସକାଳେ ଫାଟି ଆଁ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ବାଉଁଶଗଡ଼ିଆ ଗ୍ରାମବାସୀ

ଖଇରା (ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପ□ାୟତ ଅଧୀନ ୪ନମ୍ବର ୱାର୍ଡ ପାତ୍ରସାହିରେ ନିର୍ମିତ କଂକ୍ରିଟ ରୋଡ ୧୨ଘ□ା ନପୁରୁଣୁ ଫାଟି ଆଁ କରିବା ବର୍ତମାନ ଏହି ପ□ାୟତରେ ଚାଲିଥିବା ଦୁର୍ନିତିକୁ ପଦାରେ ପକାଇଛି । ଏଭଳି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ୪ ନମ୍ବର ୱାର୍ଡବାସୀ ଦାବି କରିଛନ୍ତି ।୨୦୨୩ ମସିହାରେ ଦାନା ବାତ୍ୟା ପରେ ନଷ୍ଟ ହୋଇଥିବା ରାସ୍ତା ପାଇଁ ୧ଲକ୍ଷ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ଚୟନ ରେ ଅନିୟମିତତା ହୋଇଥିବା ନେଇ କିଛି ଲୋକପ୍ରତିନିଧିଙ୍କ ଅଭିଯୋଗ ସହ ମାମଲା ହାଇକୋର୍ଟ କୁ ଯିବାପରେ ପ୍ରକଳ୍ପ ନିର୍ମାଣ ଉପରେ ରହିତାଦେଶ ହୋଇଥିଲା । ଏବେ କିଛିମାସ ତଳେ ରହିତାଦେଶ ଉଠିବା ପରେ ଏହି ୱାର୍ଡରେ ଶୁକ୍ରବାର କଂକ୍ରିଟ କାମ କରାଯାଇଥିଲା । ସଂଧ୍ୟାରେ ବ୍ଲକ କନିଷ୍ଠ ଯନ୍ତ୍ରୀ କାମଶେଷ କରି ଯିବା ପରେ ସକାଳେ ରାସ୍ତା ଫାଟି ଆଁ କରିବା ଘଟଣା ଗ୍ରାମବାସୀଙ୍କ ନଜରକୁ ଆସିଥିଲା । ଯାହାକୁ ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପ□ାୟତ ଦାୟିତ୍ୱରେ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର କୁଣ୍ଡୁଙ୍କୁ



ଯୋଗାଯୋଗ କରିବାରେ କାମ ସରୁସରୁ ବର୍ଷା ଯୋଗୁଁ କିଛି ଅଂଶ ଧସି ଯାଇଛି । ତାକୁ ମରାମତି କରି ଠିକଠାକ କରାଯିବ ବୋଲି କହିଛନ୍ତି । ଶନିବାର ଗ୍ରାମବାସୀ ମାନଙ୍କ ବିରୋଧ ପରେ ସେମାନଙ୍କୁ ଧମକ ଚମକ ମିଳୁଥିବା ନେଇ ଗ୍ରାମବାସୀ ମାନେ କହିଛନ୍ତି ।

# ଜିଲ୍ଲାରେ ଏସଆଇଆର ସାମ୍ବାଦିକ ସମ୍ମିଳନୀ

ବାରିପଦା(ନିପ୍ର): ଜିଲ୍ଲାରେ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ- ୨୦୨୬ ସଂପର୍କରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି. ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାରେ ଜୁଲାଇ ୧ରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି. ୨୯ ମଇ ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରିଂଟିଂ, ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ହିଁ ବିଏଲଓ ଓ ବିଏଲଓ ସୁପରଭାଇଜର ମାନଙ୍କର ପ୍ରଶିକ୍ଷଣ ମଧ୍ୟ ଶେଷ ହୋଇଛି । ୩୦ ମଇ ରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓ ମାନେ ନିର୍ବାଚକଙ୍କ ଘରକୁ ଯାଇ ପ୍ରତ୍ୟେକ ନିର୍ବାଚକ ପାଇଁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ. ଏଥିରେ ନିର୍ବାଚକଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ. ବିଏଲଓ ମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଂଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ । ସେହିପରି ଜଣେବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ ନପଡନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନହୁଅନ୍ତି ସେଥିପ୍ରତି ବିଏଲଓ ମାନଙ୍କୁ ସଜାଗ ରହିବାକୁ ଶ୍ରୀ ସଂଜୟ ନିର୍ଦ୍ଦେଶ ଦେଇଛନ୍ତି । ୨୮ ଜୁନ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ, ୦୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ, ୦୫ ଜୁଲାଇରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବା ବେଳେ, ୦୫ ଜୁଲାଇ୨୦୨୬ ରୁ ୦୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ସମୟ ଓ ଆପତିର ସମାଧାନ ଏବଂ ୦୬ ସେପ୍ଟେମ୍ବରରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାଯାଇଛି । ଏସ.ଆଇ.ଆର ସମୟରେ ୨୭୨୪ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ କରିବେ ।

# ମୋନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

କଟକ(ନିପ୍ର): କଟକ ଜିଲ୍ଲାରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ଓ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ କଟକ ଜିଲ୍ଲାରେ ମଦ ଦୋକାନ (ଦେଶୀ ଓ ବିଦେଶୀ) ନୂତନ କରି ଖୋଲିବା ଓ ନବୀକରଣ ନିଷ୍ପତି ବିରୋଧରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦ୍ୱେସି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ଗତ ଦଶନ୍ଧି ଧରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସାରା ରାଜ୍ୟରେ ମଦ ବନ୍ଦ ପାଇଁ ଦାବି କରିଆସୁଛି । ଯେତେ ସବୁ ଚୋରୀ, ଡକାୟତି, ରାହାଜାନୀ, ହତ୍ୟା ହେଉଛି ତାହାର ମୂଳ କାରଣ ହେଉଛି




ମଦ । ମଦ ଯୋଗୁଁ ପରିବାର, ଘରସବୁ ଭାଙ୍ଗି ପଡୁଛି । କେତେ ମା ଆଖିରୁ ଲୁହ, ଶଙ୍ଖା, ସିନ୍ଦୁର ଲିଭି ଯାଉଛି, ତାହାର କଳନା ନାହିଁ । ଏଣୁ ଓଡ଼ିଶା କୁ ସମ୍ପୂର୍ଣ୍ଣ ମଦମୁକ୍ତ ଦାବୀରେ ତଥା କଟକ ଜିଲ୍ଲାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଜିଲ୍ଲାପାଳ ଆଉ ନୂତନ ମଦ ଦୋକାନ ଖୋଲିବା କିମ୍ବା ନବୀକରଣରୁ କ୍ଷାନ୍ତ ହୋଇ ଏକ ଉଦାହରଣ ସୃଷ୍ଟି କରନ୍ତୁ ବୋଲି ଆଜିର ଏହି ଧାରଣାରେ ବସିଥିବା ନିଶା ବିରୋଧୀ ସାଥୀମାନେ ଆହ୍ୱାନ ଦେଇଛନ୍ତି । ଏଥିସହିତ ୧୯୫୬ ମସିହାରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଯେଉଁ ଆଇନ ପ୍ରେରିତ କରିଥିଲେ ତାହାକୁ ଏ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି ଦାବି କରିଛନ୍ତି । ଆଜିର ଏହି ଧାରଣାରେ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଡାକ୍ତର ରବି ରଞ୍ଜନ ସାହୁ, ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ , ଉପ ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି , ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ରେଣୁକା ସାହୁ, ଲକ୍ଷ୍ମଣ ସୁନା, ନିମାଇଁ ମହାପାତ୍ର,ପ୍ରଭାତ କୁମାର ପାତ୍ର,ବୃନ୍ଦାବନ ଦାସ ଆଜାଦ୍, ସଭାପତି ସଚେତନ ନାଗରିକ ମହାସଭା, ସଞ୍ଜୟ କୁମାର ନାୟକ, ସଭାପତି ସ୍ୱାଭିମାନ ମଂଚ ପ୍ରଭୃତି ଯୋଗଦେଇ ଥିଲେ ।

# କଂଗ୍ରେସ ପକ୍ଷରୁ ଟାଟାପାୱାର ଡିଭିଜନ ଆଗରେ ବିକ୍ଷୋଭ

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାବ୍ୟାପି ଟାଟାପାୱାର କମ୍ପାନୀ ଅଘୋଷିତ ବିଦ୍ୟୁତ କାଟ କରି ଗ୍ରାହକ ଶୋଷଣ ନୀତି ବନ୍ଦ ଦବୀରେ ଜିଲ୍ଲା କଂଗ୍ରେସ କମିଟି ଏବଂ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ନୟାଗଡ଼ ଟାଟାପାୱାର ମୁଖ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଜିଲ୍ଲାରେ ବାରମ୍ବାର ବିଦ୍ୟୁତ କାଟ କରି ଲୋକଙ୍କୁ କଲବଲ କରି ଟାଟାପାୱାର, ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ କରି ସାରିଲାଣି ତେଣୁ ଉପୋଭୋକ୍ତାଙ୍କୁ ସର୍ବନିମ୍ନ, ନିରନ୍ତର ବିଦ୍ୟୁତ ସେବା ଯୋଗାଇବାରେ ବିଫଳତା ପାଇଁ ଟାଟାପାୱାର ଚୁକ୍ତି ସର୍ତାବଳୀ ଖିଲାପ ହୋଇଥିବାରୁ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ସହିତ କରିଥିବା ଚୁକ୍ତି ସର୍ତବଳୀ



ଉଲ୍ଲଙ୍ଘନ କରି ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ବିଦ୍ୟୁତ ଉପୋଭୋକ୍ତାଙ୍କୁ ଲାଇନ କାଟିକାଟି ଅଣାୟତ କରି ସାରିଲେଣି ବୋଲି କହିଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ । ତେଣୁ ଟାଟାପାୱାର ଏଗ୍ରିମେଂଟ ବାତିଲ କରାଯାଉ ବୋଲି ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ଦାବୀ କରିଛନ୍ତି । ଉପୋଭୋକ୍ତାଙ୍କ ଚାହିଦା ମୁତାବକ ପ୍ରତ୍ୟେକ ବିଦ୍ୟୁତ ଟ୍ରାନ୍ସଫର୍ମର କିଲୋୱାଟ କ୍ଷମତା ବୃଦ୍ଧି କରାଯାଉ । ପୁରୁଣା ଇଲେକ୍ଟ୍ରିତାର ବଦଳାଯାଉ, ଠିକା କର୍ମଚାରୀଙ୍କୁ ଚାକିରୀରୁ ଛଟେଇ କରାନଯାଉ ଶୀର୍ଷକ ତିନିଦଫା ଦାବୀ ସମ୍ୱଳିତ ସ୍ମାରକପତ୍ର ନୟାଗଡ଼ ଜିଲ୍ଲାପାଳଙ୍କ ମାଧମରେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ଡିସିସି ସଭାପତି ସତ୍ୟବ୍ରତ ନାୟକ, କମଳ ଚରଣ ସାହୁ, ଡିସିସି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଫକୀର ଚରଣ ମଲ୍ଲ, ବିନୋଦିନୀ ମହାନ୍ତି, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ହାସୀମ ଖାଁ, ଓଡଗାଁ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ନୂଆଗାଁ ସଭାପତି ଅଶୋକ କୁମାର ନାୟକ, ଖଣ୍ଡପଡା ଏନଏସି ସଭାପତି ସନ୍ତୋଷ ସାହୁ, ଯୁବ କଂଗ୍ରେସ ନେତା ପ୍ରତୀକ ମହାପାତ୍ର, ଛାତ୍ର କଂଗ୍ରେସ କାର୍ଯ୍ୟକର୍ତା ଓମ ପ୍ରକାଶ ପ୍ରଧାନ, ଅରବିନ୍ଦ ପାଢ଼ୀ, ଶାଶ୍ୱତ ପ୍ରଧାନ, ଓମ ପ୍ରକାଶ ବିଶ୍ୱାଳ, ନିଶିକାନ୍ତ ବେହେରା, ସରକ୍ଷଫତ ଖାଁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି ବିକ୍ଷୋଭ ସଭାରେ ଯୋଗ ଦେଇଥିଲେ କ୍ଷ ଆସନ୍ତା କାଲି ଜିଲ୍ଲାର ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ଥିବା ଟିପିସିଓଡ଼ିଏଲ କାର୍ଯ୍ୟାଳୟ ସାମ୍ନାରେ କଂଗ୍ରେସ କର୍ମୀ ମାନେ ବିକ୍ଷୋଭ କରିବା କାର୍ଯ୍ୟକ୍ରମ ରହିଛି ।

# ଜିଲ୍ଲାସ୍ତରୀୟ "ମେଧାବୀ ମୟୂରଭଞ୍ଜ" ସମ୍ବର୍ଦ୍ଧନା ସମାରୋହ -୨୦୨୬

ବାରିପଦା(ନିପ୍ର): ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ ଓ ତତସହିତ ଅଧିକ ସଂଖ୍ୟାରେ ଇ୧ ଗ୍ରେଡରେ ଛାତ୍ରଛାତ୍ରୀମାନଙ୍କୁ ଉତୀର୍ଣ୍ଣ କରିବାରେ ଲକ୍ଷ୍ୟ ନେଇ ୨୦୨୪-୨୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଛି ବର୍ତମାନର ଲୋକପ୍ରିୟ ଜିଲ୍ଲାପାଳଙ୍କ ମାନସପ୍ରସୂ କାର୍ଯ୍ୟକ୍ରମ "ମେଧାବୀ ମୟୂରଭଞ୍ଜ" । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ଜିଲ୍ଲା ଶିକ୍ଷା ବିଭାଗର ସମସ୍ତ ପଦାଧିକାରୀଙ୍କ ନିୟମିତ ତଦାରଖ, ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସମୟ ଉପଯୋଗୀ ଉତ୍ସର୍ଗୀକୃତ ଶିକ୍ଷାଦାନ ଆଜି ଆମ ଜିଲ୍ଲାକୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏକ ଅଭୂତପୂର୍ବ ସଫଳତା ଆଣି ଦେଇଛି । ୨୦୨୪ ମସିହାରେ ଆମ ଜିଲ୍ଲାରେ ୪୦ଜଣ ଇ୧ ଗ୍ରେଡ ପାଇଥିଲା ବେଳେ "ମେଧାବୀ ମୟୂରଭଞ୍ଜ" ଆରମ୍ଭ ହେବା ପରେ ୨୦୨୫ ମସିହାରେ ୮୦ ଏବଂ ଚଳିତ ବର୍ଷ ୨୦୨୬ ମସିହାରେ ୧୪୬ ଛାତ୍ରଛାତ୍ରୀ ଇ୧ ଗ୍ରେଡରେ ଉତୀର୍ଣ୍ଣ ହୋଇଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ଆମ ଜିଲ୍ଲାର ମୋଟ ୬୨୦ଟି ଉଚ୍ଚ ବିଦ୍ୟାଳୟରୁ ୧୮୪ ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୦୯୮୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲାବେଳେ ସେଥିମଧ୍ୟରୁ ୩୦୨୧୩ ଜଣ ଉତୀର୍ଣ୍ଣ ହୋଇଛନ୍ତି । ଯାହା ଆମ ଜିଲ୍ଲାର ସଫଳତାର ହାର ଶତକଡା ୯୭.୫୨ ଅଟେ । ସେଥି ମଧ୍ୟରୁ ଇ୧ ଗ୍ରେଡରେ ୧୪୬ ଜଣ, ଇ୨ ଗ୍ରେଡରେ ୬୭୫ ଜଣ, ଇ୧ ଗ୍ରେଡରେ ୧୬୩୧ ଜଣ, ଇ୨ ଗ୍ରେଡରେ ୩୬୦୯ ଜଣ, ସି ଗ୍ରଡରେ ୭୦୮୩ ଜଣ, ଉ ଗ୍ରେଡରେ ୧୦୪୮୭ ଜଣ, ର ଗ୍ରେଡରେ ୬୫୮୨ ଜଣ ପାସ କରିଛନ୍ତି । ମୋଟ ଇ୧ ଗ୍ରେଡ ପାଇଥିବା ବିଦ୍ୟାଳୟ ସଂଖ୍ୟା ୪୭ ଥିଲାବେଳେ ସେଥିମଧ୍ୟରୁ ୩୯ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ହୋଇଥିବାବେଳେ ୦୮ଟି ବେସରକାରୀ ବିଦ୍ୟାଳୟ ରହିଛି । ସରକାରୀ ବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ୧୧୪ ଜଣ ଇ୧ ଗ୍ରେଡ ପାଇଥିଲାବେଳେ ବେସରକାରୀ ବିଦ୍ୟାଳୟରୁ ମୋଟ ୩୨ ଜଣ ଇ୧ ଗ୍ରେଡ ପାଇଛନ୍ତି । ଏହିପରିପ୍ରେକ୍ଷୀରେ ଜିଲ୍ଲାସ୍ତରରେ ହାରାହାରି ପାସ ହାର ଆଧାରରେ ଏକ ମାନନିର୍ଦ୍ଧାରଣ କରାଯାଇ ୩ଟି ଉଚ୍ଚ ବିଦ୍ୟାଳୟ ଯଥା- ଚକାଡୋଳା ବିଦ୍ୟାପୀଠ, ମାଣିକପୁର, ରାସଗୋବିନ୍ଦପୁର ବ୍ଲକ, ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ, ବାରିପଦା ବ୍ଲକ, ଟିକରପଡା ଉଚ୍ଚ ବିଦ୍ୟାଳୟ, ଶାମାଖୁ[। ବ୍ଲକକୁ ସର୍ବୋତକୃଷ୍ଟ ବିଦ୍ୟାଳୟ ଭାବେ ପୁରସ୍କୃତ କରାଯାଇଛି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାରିପଦା-୨ର ଛାତ୍ର ଶ୍ରୀମାନ ପାର୍ଥସାରଥି ମହାନ୍ତ ୯୮% ନମ୍ବର ରଖି ରାଜ୍ୟ ଟପର ହୋଇ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ସାଉଁଟିଛନ୍ତି ଯାହା ପରବର୍ତୀ ସମୟରେ ଅନ୍ୟ ପିଲାମାନଙ୍କୁ ପ୍ରେରଣା ଯୋଗାଇବ । ଜିଲ୍ଲାର ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ସର୍ବପରି ଛାତ୍ରଛାତ୍ରୀମାନଙ୍କର ପ୍ରଚେଷ୍ଟା ଓ ବଳିଷ୍ଠ ଉଦ୍ୟମ ଜିଲ୍ଲାକୁ ସଫଳତା ଶୀର୍ଷରେ ପହଂଚାଇ ପାରିଛି ।

# ୫୯ ଗୋରୁ ଗାଈ ଉଦ୍ଧାର

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧିନ ଦାହିବାଡି, ଗୋବିନ୍ଦରାୟପୁର ଏବଂ ତାଳପଦା ଗ୍ରାମରେ ବେଆଇନ୍ ଭାବେ ରଖାଯାଇଥିବା ଗୋରୁଗାଈଙ୍କୁ ଜବତ୍ କରିଛି ପୋଲିସ୍ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ପୋଲିସ୍ ଅଧିକାରୀ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବଡ ଧରଣର ଚଢାଉ କରାଯାଇଥିଲା । ପ୍ରାପ୍ତ ଗୁପ୍ତ ସୂଚନା ଆଧାରରେ ବୈଶିଙ୍ଗା, ବେତନଟୀ, ମୋରଡା ଏବଂ ରାସଗୋବିନ୍ଦପୁର ଥାନାର ପୋଲିସ୍ ଟିମ୍ ରାତ୍ରିରେ ଗ୍ରାମଗୁଡିକରେ ଚଢାଉ କରି ଇଦ୍ କୁରବାନୀ ପାଇଁ ରଖାଯାଇଥିବା ୫୯ଟି ଗୋରୁଗାଈକୁ ଉଦ୍ଧାର କରିଛନ୍ତି । ଏହି ଅଭିଯାନରେ ବେତନଟୀ ଥାନାଧିକାରୀ କୃଷ୍ଣା ପିଙ୍ଗୁଆ, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ, ରାସଗୋବିନ୍ଦପୁର ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଏବଂ ମୋରଡା ଥାନାଧିକାରୀ ସୁମିତ ସୋରେନ ସମେତ ଦୁଇ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଯୋଗ ଦେଇଥିଲେ । ପୋଲିସ୍ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ କହିଛନ୍ତି ଯେ, ଉଦ୍ଧାର କାର୍ଯ୍ୟ ଜାରି ରହିବ । ଏହା ପୂର୍ବରୁ ମଧ୍ୟ ଜିଲ୍ଲାରେ ଏଭଳି ଅଭିଯାନ ଚାଲିଥିଲା । ଏହି ଘଟଣା ସ୍ଥାନୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି । ପୋଲିସ୍ ଆଇନ୍ ଶୃଙ୍ଖଳା ଏବଂ ବେଆଇନ୍ କାର୍ଯ୍ୟକଳାପ ପ୍ରତି କଠୋର ଆଭିମୁଖ୍ୟ ରଖୁଥିବାର ଦେଖା ଯାଉଛି ।

# ପାଣି ଟୋପାଏ ପାଇ ଡହଳ ବିକଳ ତେନ୍ତୁଳା ଓ ଉପର ଟୋଟାବାସୀ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ କାଳିକ ଗ୍ରାମ ପଂଚାୟତର ଏକ ଅଦବାସୀ ଓ ହରିଜନ ସାହି ଉପରଟୁଟା ଏବଂ ତେନ୍ତୁଳା ଗ୍ରାମାରେ ୫୦୦ ପରିବାର ପାଇଁ ସରକାରଙ୍କ ପକ୍ଷରୁ ତେନ୍ତୁଳା ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ୫୦ହଜାର କ୍ଷମତା ସମ୍ପନ୍ନ ଏକ ବସୁଧା ଓଭର ହେଡ ପାଣି ଟାଙ୍କି ଆର୍ଥିକ ବର୍ଷ ୨୦୨୨-୨୩ ରେ କାର୍ଯ୍ୟ କରାଯାଇ ଥିଲେ ମଧ୍ୟ ଆଜିବି ଏହା ଅସମ୍ପୂର୍ଣ୍ଣ ହୋଇପଡିଛି । ଯାହା ଫଳରେ ଦୀର୍ଘ ୬ କିଲୋମିଟର ଦୂର ପାଇପଲାଇନ ବିଛାଯାଇଥିଲେ ମଧ୍ୟ କୋଣସି ଚେକ୍ଭାଲ ଏବଂ ମରାମତି ନହେବା ଫଳରେ ଆଜି ଅନେକଙ୍କ ଘରେ ପିଇବା ପାଣି ସାତ ସପନ ପାଲଟି ଯାଇଛି ସେହି ହାତମଡ଼ା ନଳକୂପ ସାହ ଭରଷା ଲମ୍ବା ଲାଇନ ଲଗାଇ ଦୀର୍ଘ ସମୟ ଅପେକ୍ଷା କରି ମୁଣ୍ଡରେ ଗଗରା ଧରି କୁଶ କୁଶ ବାଟ ଯିବାକୁ ପଡୁଛି । ଉପର ଟୁଟା ହାଟ ପଖାରୁ ବିନ୍ଧାଣି ସାହି ରେ ୫୦ ପରିବାର, ଆଦବାସୀ ସାହି ୩୦ ପରିବାର, ଆମ୍ବନାଳୀ ଗାଁ ର୧୦ ପରିବାର ଟ୍ୟାପ ପାଣି ଏମାନଙ୍କ ପାଇଁ ସାତ ସପନ ପାଲଟି ଯାଇଛି । ଯାହାକୁ ନେଇ ଗ୍ରାମବାସୀ ମାନେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଠିକାଦାରଙ୍କୁ ଅବଗତି କରାଇ ଥିଲେ ମଧ୍ୟ କିଛି ସୁଫଳ ମିଳି ପାରୁ ନାହିଁ ଯାହା ଫଳରେ ଗ୍ରାମ ବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଆଗାମୀ ଏକ ସପ୍ତାହ ମଧ୍ୟରେ ଯଦି ସେମାନଙ୍କର ପାଣି ସମସ୍ୟା ଦୂର ନହେବ ତାହାଲେ ଗ୍ରାମବାସୀ ମାନେ ବ୍ଲକ କାର୍ଯ୍ୟଳୟ ସମ୍ମୁଖରେ ଶାନ୍ତି ପୂର୍ଣ୍ଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ଗ୍ରାମର ପୁଂଟ ମାରାଣ୍ଡି, ଶେଖର ଦାସ, ମଦନ ବିନ୍ଧାଣି, ସୁରେନ୍ଦ୍ର ବିନ୍ଧାଣି, ବକେୟା ମାରାଣ୍ଡି, ଲକ୍ଷ୍ମଣ ମାରାଣ୍ଡି, ଜସୁଦା ବେହେରା, ସଂକୁନ୍ତଳା ବେହେରା, ମମତା ବେହେରା, ଗୌରାଙ୍ଗ ମହାପାତ୍ର, ରବୀନ୍ଦ୍ର ଦାସ, ସମର ଦାସ, ଚିତରଞ୍ଜନ ବିଶ୍ୱାଳ ପ୍ରମୁଖ ଅନେକ ଗ୍ରାମବାସୀ ।


No. 32001/304/2627

OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALASORE.
No. 1494 Dt. 29.05.2026
'e' Procurement Notice
BID IDENTIFICATION No. SEMIDBLS-01/2026-27
e-mail ID: mibalasore@yahoo.co.in

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" procurement (Single & Double cover) for the works as detailed in the Annexure to this bid notice.

| | |
|---|---|
| Name of the work: | Construction of Canal Lining in different Blocks of Balasore District under MIP-SP Scheme for the year 2026-27. (Detail as Mentioned against Work in Annexure to Bid Notice) |
| No. of Works: | 02 (Two) Nos. only |
| Estimated Cost: | Varies from Rs.36.69 lakh to Rs.83.86 lakh (Approximately) |
| Cost of Tender Paper: | As Mentioned against Work in Annexure to Bid Notice |
| Period of Completion: | As Mentioned against Work in Annexure to Bid Notice |
| Availability of bid documents for sale and receipt through on-line | From dt. 03.06.2026, 10.00 A.M, to dt. 16.06.2026, up to 5.00 P.M. |
| Last date / time of receipt of bids in the portal | 16.06.2026 (5.00PM) |
| Date of opening of technical bid through online | On dt. 17.06.2026 at 11.00 A.M in the Office of the S.E, M.I. Division, Balasore. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). Of class-II Or Class-III |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore. At / P.O / District – Balasore. Ph. No / Fax No.-06762-224461, Email ID: mibalasore@yahoo.co.in |
| Further details can be seen from the e-market place web site www.tendersodisha.gov.in/ District NIC Portal (baleswar.nic.in) | |


Note: Corrigendum/ Addendum/ Modifications/ Additions if any can be seen through on-line only.


Sd/-
Superintending Engineer
M.I. Division, Balasore


OIPR. 32001/32014/1/26-27/0001


# ଜାତିଗତ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ତହସିଲର ଖାମଖିଆଲି ନୀତି

ଜଳେଶ୍ୱର(ନିପ୍ର): ଜାତିଗତ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ଜଳେଶ୍ୱର ତହସିଲର କିପରି ଖାମଖିଆଲି ନୀତି ପୋଷଣ କରୁଛି, ସେ ସମ୍ପର୍କରେ ଆଇନଜୀବୀ ତଥା ସମାଜସେବୀ ଅଚିନ୍ତ କୁମାର ଦାସ ଅଭିଯୋଗ କରିଛନ୍ତି ।ପ୍ରାପ୍ତ ସୂଚନା ଅନୁଯାୟୀ ତାଙ୍କର ସାନ ପୁଅ ସତ୍ୟଜିତ୍ ଦାସ ଉଚ୍ଚ ଶିକ୍ଷା ନିମନ୍ତେ ଏକ ଜାତିଗତ ପ୍ରମାଣପତ୍ର(ସାଗରପଶା)ପାଇବା ପାଇଁ ଗତ ୧୧/୫/୨୦୨୫ ତାରିଖରେ ପର୍ଶ୍ଚିମବାର୍ଡ ଜନସେବା କେନ୍ଦ୍ର ମାଧ୍ୟମରେ ଆବେଦନ କରିଥିଲେ । ତାଙ୍କୁ ଗତ ୨/୬/୨୦୨୫ ତାରିଖରେ ଉକ୍ତ ପ୍ରମାଣପତ୍ର ମିଳିବା ପାଇଁ ପ୍ରାପ୍ତି ସ୍ୱୀକାର ପତ୍ରରେ ଉଲ୍ଲେଖ ଥିଲା । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶ୍ରୀ ଦାସ ଉକ୍ତ ପ୍ରମାଣପତ୍ର ନ ପାଇବାରୁ ସେ ପର୍ଶ୍ଚିମବାର୍ଡ ରାଜସ୍ୱ ନିରୀକ୍ଷକ ଓ ଜଳେଶ୍ୱର ତହସିଲଦାରଙ୍କ ପାଖକୁ ଅନ୍ୟୁନ ୧୦ ଥରରୁ ଉର୍ଦ୍ଧ୍ୱ ଥର ଯାଇ ନିରାଶ ହେବା ପରେ ସେ ନଂ ୨୪୯୮ ତା ୭/୭/୨୫ ରିଖ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନଂ ୪୫୯୫ ତା ୪/୮/୨୫ ରିଖ ଜଳେଶ୍ୱର ବ୍ଲକ, ନଂ ୩୨୬୭ ତା ୧/୯/୨୫ ରିଖ ଭୋଗରାଇ ବ୍ଲକ, ନଂ ୩୪୭୧ ତା ୮/୯/୨୫ ରିଖ ବାଲିଆପାଳ ବ୍ଲକ ଓ ୪/୫/୨୬ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ମିଳିତ ଜିଲ୍ଲାପାଳ ଓ ଏସ ପି ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏପରିକି ଶ୍ରୀ ଦାସ ଗତ ୧୪/୫/୨୬ ତାରିଖରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଳବ୍ୟଙ୍କୁ ସାକ୍ଷାତ୍ କରି ଉକ୍ତ ପ୍ରମାଣପତ୍ର ପାଇଁ ନିବେଦନ କରିବା ପରେ ସେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ଶ୍ରୀ ଦାସ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ।ନିଜର ମେଧାବୀ ପୁତ୍ରର ଉଚ୍ଚ ଶିକ୍ଷା ଓ ବୃତି ପାଇଁ ପ୍ରମାଣପତ୍ର ଆବଶ୍ୟକ ହେଉଥିବା ବେଳେ ପ୍ରଶାସନର ଏଭଳି ଖାମଖିଆଲି ନୀତିକୁ ସେ ନାପସନ୍ଦ କରିଛନ୍ତି ।ସେହି ସାଗରପଶା ଜାତିକୁ ଜଳେଶ୍ୱର ତହସିଲଦାର ବହୁ ହିତାଧିକାରୀଙ୍କୁ ଓ.ବି.ସି/ ଏସ. ଇ.ବି.ସି ପ୍ରମାଣପତ୍ର ପ୍ରଦାନ କରିଥିବା ବେଳେ ଶ୍ରୀ ଦାସଙ୍କ କ୍ଷେତ୍ରରେ ଏଭଳି ପାତର ଅନ୍ତର ନୀତି ପାଇଁ ସେ ତହସିଲଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।ଆସନ୍ତା ଜୁନ୍ ୧୫ ତାରିଖ ସୁଦ୍ଧା ଯଦି ତାଙ୍କ ପୁଅର ଜାତିଗତ ପ୍ରମାଣପତ୍ର ନ ପାଆନ୍ତି,ତେବେ ସେ ଜୁନ୍ ୧୬ ତାରିଖରେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜିଲ୍ଲାପାଳ ଓ ଏସପି ମିଳିତ ଜନଶୁଣାଣି ଶିବିରରେ ଆତ୍ମାହୁତି ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ଜଳେଶ୍ୱର ତହସିଲଦାର ଓ ପର୍ଶ୍ଚିମବାର୍ଡ ଆର.ଆଇଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିଲା ।








ମଣିଷର ପ୍ରକୃତି ପରିବର୍ତ୍ତନ ହେବା ଆଦୌ ସହଜ ନୁହେଁ, ମୃତ୍ୟୁ ପର୍ଯ୍ୟନ୍ତ ଏହିଭଳି ପ୍ରକୃତି ରହେ ।

# ଆଜିକାଲି



'ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ । ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠାତା ।''
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ତମାଖୁ ହିଁ କର୍କଟର ମୂଳ ଉତ୍ସ

ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍)ର ରିପୋର୍ଟ ଅନୁଯାୟୀ ଭାରତରେ କର୍କଟ ରୋଗର ବୃଦ୍ଧି ଘଟୁଛି । ଏପରିକି ଆସନ୍ତା ୫ବର୍ଷ ମଧ୍ୟରେ ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶଙ୍କା ମଧ୍ୟ କରାଯାଇଛି । ଗୁଟ୍କା ବ୍ୟବହାର ଏବଂ ଆଉ କେତେକ କାରଣ ପାଇଁ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ସବୁଠାରୁ ଅଧିକ ତମାଖୁ ସେବନ କାରଣରୁ ହେଉଥିବା ନଜିର ରହିଛି । ତେବେ ଲୋକମାନେ ସଚେତନ ହେଲେ ଏହି କର୍କଟ ରୋଗର ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରର ସହକାରୀ ପ୍ରଫେସର ତଥା ବରିଷ୍ଠ ଅଙ୍କୋଲୋଜିଷ୍ଟ ଡାକ୍ତର ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି । ଶ୍ରୀ ପରିଡ଼ା କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନେଲେ ଯାହା ଅନୁମାନ କରାଯାଉଛି ୨୦୨୫ ସୁଦ୍ଧା ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧୫.୬୯ ଲକ୍ଷ ଅତିକ୍ରମ କରିବ । ଆଇସିଏମ୍ଆର ରିପୋର୍ଟରେ ପ୍ରକାଶ ପାଇଛି ଯେ ଦିଲ୍ଲୀରେ ପିଲାମାନଙ୍କଠାରେ କର୍କଟ ରୋଗ ସଂଖ୍ୟା ବୃଦ୍ଧି ପାଇଛି । ଏଭଳି ପରିସ୍ଥିତିରେ ଆଇସିଏମଆର ରିପୋର୍ଟ ପରେ ଡାକ୍ତରୀ ବିଶେଷଜ୍ଞଙ୍କ ଚିନ୍ତା ବଢ଼ିଛି । ଏହି ରିପୋର୍ଟରୁ ଜଣାପଡିଛି ଯେ ୨୦୨୦ ମସିହାରେ ତମାଖୁ କାରଣରୁ କର୍କଟ ରୋଗରେ ପୀଡିତ ଲୋକଙ୍କ ସଂଖ୍ୟା ହେଉଛି ୩.୭ ଲକ୍ଷ, ଯାହା ମୋଟ କର୍କଟ ରୋଗୀଙ୍କ ମଧ୍ୟରୁ ୨୭.୧ ପ୍ରତିଶତ ଅଟେ । ଏଭଳି ପରିସ୍ଥିତିରେ ତମାଖୁ କର୍କଟ ରୋଗର ସବୁଠାରୁ ବଡ କାରଣ ଭାବରେ ଉଭା ହୋଇଛି । ଶ୍ରୀ ପରିଡ଼ା କହିଛନ୍ତି ଯେ ବର୍ତ୍ତମାନ ଯୁବପିଢ଼ୀ ତମାଖୁ ମାୟାରେ ପଡ଼ିଛନ୍ତି । ଗୁଟ୍କା ହେଉ ବା ପାନ କିମ୍ବା ଅନ୍ୟ କୌଣସି ନିଶାଦ୍ରବ୍ୟ ସବୁଠାରୁ ଅଧିକ ଯୁବପିଢ଼ୀ ସେବନ କରୁଛନ୍ତି । ୨୦ ବର୍ଷରୁ ୫୦ ବର୍ଷ ବୟସ୍କ ଲୋକମାନେ ବେଶୀ ଗୁଟ୍କାକୁ ଆଦରି ନେଇଛନ୍ତି । କରେନା ପାଇଁ ସବୁଆଡ଼େ ଲକ୍ଡାଉନ୍ ଓ ସଟ୍ଡାଉନ୍ ସ୍ଥିତି ଚାଲିଥିବାରୁ ଏହାର ଫାଇଦା ଉଠାଇବାକୁ ଯାଇ ଗୁଟ୍କା ବ୍ୟବସାୟୀମାନେ ଗୁଟ୍କାର କଳାବଜାରି କରୁଥିଲା ବେଳେ ଏହାକୁ ମଧ୍ୟ ତିଳେମାତ୍ର ଖାତିର ନକରି ଯୁବପିଢ଼ୀ ବର୍ଦ୍ଧିତ ମୂଲ୍ୟରେ ଗୁଟ୍କା କିଣୁଥିବା ନଜିର ମଧ୍ୟ ରହିଛି । ଏହି ଯୁବପିଢ଼ୀମାନେ କର୍କଟ ରୋଗ ସମ୍ପର୍କରେ ଜାଣି ମଧ୍ୟ କାହିଁକି ଗୁଟ୍କା ଓ ପାନ ମସଲାକୁ ଆଦରି ନେଉଛନ୍ତି ତାହା ମଧ୍ୟ ଜଣାପଡୁନାହିଁ । ଏହି ଗୁଟ୍କା ପାଇଁ ଲୋକମାନେ ମୁଖ୍ୟତଃ ମୁଖ ଗହ୍ୱର କର୍କଟର ସମ୍ମୁଖୀନ ହେଉଛନ୍ତି । କେବଳ ଏତିକି ନୁହେଁ ସର୍ଭେ ଅନୁସାରେ ସମଗ୍ର ଏସିଆରେ ମହିଳାମାନଙ୍କଠାରେ ଫୁସଫୁସ କର୍କଟ ରୋଗର ସର୍ବାଧିକ ମାମଲା ଘଟୁଥିବା ଦେଖାଯାଉଛି । ଏହିପରି ୪୦ ପ୍ରତିଶତ କର୍କଟ ରୋଗ ତମାଖୁ ସେବନ ହେତୁ ହୋଇଥାଏ ଏବଂ ବର୍ତ୍ତମାନ ଏହି ରୋଗ ଯୁବକମାନଙ୍କ ମଧ୍ୟରେ ବେଶୀ ଦେଖାଯାଉଛି । ଶ୍ରୀ ପରିଡ଼ାଙ୍କ କହିବାନୁଯାୟୀ ତମାଖୁକୁ ଠିକ୍ ସମୟରେ ନିୟନ୍ତ୍ରଣ କରାଯିବା ଆବଶ୍ୟକ । କାରଣ ଯଦି ଏହା ନହୁଏ, ତେବେ ଆଗାମୀ ଦିନରେ ଫୁସଫୁସ କର୍କଟ ରୋଗରେ ବ୍ୟାପକ ବୃଦ୍ଧି ହେବାର ସମ୍ଭାବନା ରହିଛି । ୧୦ ବର୍ଷ ମଧ୍ୟରେ ଆମେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ଦେଖିବାକୁ ପାଇଛୁ । ତମାଖୁ ଏବଂ ବାୟୁ ପ୍ରଦୂଷଣ ଯୋଗୁଁ କର୍କଟ ରୋଗୀଙ୍କ ସଂଖ୍ୟାରେ ମଧ୍ୟ ଦ୍ରୁତ ଅଭିବୃଦ୍ଧି ଘଟିଛି । ସର୍ବୋପରି କହିବାକୁ ଗଲେ ବିଭିନ୍ନ କାରଣ ଯୋଗୁଁ କର୍କଟ ରୋଗ ସାରା ଭାରତରେ ନିଜର କାୟା ବିସ୍ତାର କରିଚାଲିଥିବା ବେଳେ ଲୋକମାନେ ସଚେତନତା ମାଧ୍ୟମରେ ଏହାକୁ କଡ଼ା ମୁକାବିଲା କରିପାରିବେ । ପ୍ରଥମତଃ କୌଣସି ସ୍ଥାନରେ କ୍ଷତ ସୃଷ୍ଟି ହୋଇ ତାହା ନଶୁଖିଲେ କିମ୍ବା ପାଟିରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଗଲେ ତୁରନ୍ତ ଡାକ୍ତର ଓ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଶ୍ରୀ ପରିଡ଼ା ଆହ୍ୱାନ ଦେଇଥିବାବେଳେ ତମାଖୁ ବର୍ଜନ ପାଇଁ ଆଜି ହିଁ ଶପଥ ନେବାକୁ ଭାରତବାସୀଙ୍କୁ ଅନୁରୋଧ କରିଛନ୍ତି ।

## ମୁଖ ଗହ୍ୱର କର୍କଟ ରୋଗ ଓ ତାର ପ୍ରତିକାର

ଡାକ୍ତର ରବି ରଞ୍ଜନ ସାହୁ

(ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ)

ଏଡ୍ସର ଆଗମନ ପୂର୍ବରୁ ପୃଥିବୀରେ ମାରାତ୍ମକ ରୋଗମାନଙ୍କ ମଧ୍ୟରେ କର୍କଟ ରୋଗର ସ୍ଥାନ ସର୍ବୋଚ୍ଚରେ ଥିଲା ଏବଂ ଏହା ଏକ ଭୟାନକ ଓ ଆତଙ୍କଜନିତ ରୋଗ ଭାବେ ପରିଗଣିତ ହେଉଥିଲା । ଏହି ରୋଗ ଶରୀରର ଯେକୌଣସି ଅଙ୍ଗ ପ୍ରତ୍ୟଙ୍ଗ ଏବଂ ମୁଖ ଗହ୍ୱରରେ ମଧ୍ୟ ଦେଖାଯାଇଥାଏ । ଭାରତରେ ମୁଖ ଗହ୍ୱର ରୋଗୀଙ୍କ ସଂଖ୍ୟା ସର୍ବାଧିକ ଓ ଓଡ଼ିଶାରେ ମୁଖ ଗହ୍ୱର କର୍କଟ ରୋଗର ପ୍ରାବଲ୍ୟ ଅଧିକ । ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଓଡ଼ିଶାରେ ପ୍ରାୟ ୪୫୦୦୦ କର୍କଟ ରୋଗୀଙ୍କ ମଧ୍ୟରୁ ଶତକଡ଼ା ୨୫ ଭାଗ ମୁଖଗହ୍ୱର କର୍କଟ ରୋଗରେ ପୀଡ଼ିତ । ଓଡ଼ିଶାରେ କେବଳ ମୁଖ ଗହ୍ୱର କର୍କଟ ରୋଗ ଏବଂ ବିଶେଷ କରି ତଳ ମାଢ଼ିରେ ଏହି ରୋଗରେ ପୀଡ଼ିତ ହେଉଥିବା ରୋଗୀଙ୍କ ସଂଖ୍ୟା ୨୦,୦୦୦ । ଉପକୂଳବର୍ତ୍ତୀ ଜିଲ୍ଲା ଯଥା - କଟକ, ପୁରୀ, ଗାମ ଓ ବାଲେଶ୍ୱର ଅ□ଳରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ ।

କର୍କଟ ରୋଗ ଯେତେବେଳେ ପାଟି ଭିତରେ ଦେଖାଯାଏ, ଏହାକୁ ଆମେ ମୁଖ ଗହ୍ୱର କର୍କଟ ରୋଗ ବୋଲି କହିଥାଉଁ । ଅଧିକାଂଶ କ୍ଷେତ୍ରରେ ରାସାୟନିକ ପ୍ରକ୍ରିୟା ଦ୍ୱାରା ଯଥା - ଖାଦ୍ୟାଭାବ, ଅତ୍ୟଧିକ ମଦ୍ୟପାନ, ଧୂମପାନ, ଅତ୍ୟଧିକ ତମାଖୁ ସେବନ, ଅତ୍ୟଧିକ ଗୁଆପାନ ସହିତ ଚୂନ, ଅତ୍ୟଧିକ କ□ାଲଙ୍କା ମିଶ୍ରିତ ଖାଦ୍ୟ ମୁଖ୍ୟ ଗହ୍ୱର କର୍କଟ ରୋଗର ପ୍ରଧାନ କାରଣ । ଯେଉଁ ଲୋକମାନେ ଦୈନିକ ୧୦ରୁ ୨୦ ଖଣ୍ଡ ଯାଏ ପାନ ଖାଆନ୍ତି ସେମାନେ ଏହି ରୋଗର ଶିକାର ହେବାର ଯଥେଷ୍ଟ ସମ୍ଭାବନା ଅଛି । ନିୟମିତ ପାନ ଖାଇବା ଓ ପାଟିରେ ପାନ ରଖି ଶୋଇବା ଅଭ୍ୟାସ ମଧ୍ୟ ଏହି ରୋଗର କାରଣ ହୋଇଥାଏ ।

ଦନ୍ତରୋଗ ଚିକିତ୍ସାର ଅବହେଳା ମୁଖଗହ୍ୱର କର୍କଟ ରୋଗର ଅନ୍ୟ ଏକ କାରଣ । ଆମ ଦେଶ ତଥା ପ୍ରଦେଶର ଖୁବ୍ କମ୍ ବ୍ୟକ୍ତି ନିୟମିତ ମୁଖ ଗହ୍ୱର ପରୀକ୍ଷା ଦନ୍ତ ବିଶେଷଜ୍ଞଙ୍କ ଦ୍ୱାରା କରିଥାନ୍ତି । ଅଧିକାଂଶ ବ୍ୟକ୍ତିବିଶେଷ ଭଙ୍ଗା ଅବସ୍ଥାରେ ଥିବା ଦାନ୍ତ ମାଢି ଭିତରେ ପୋତି ହୋଇ ରହିଥିବା ସଂଘାତ ଦାନ୍ତ ଏବଂ ଠିକ୍ ଭାବରେ ଲାଗି ନ ଥିବା କୃତ୍ରିମ ଦାନ୍ତ (ଯାହାକି, ମଝିରେ ମଝିରେ ଦନ୍ତ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ନୂଆ ତିଆରି କରିବା ଉଚିତ) ପ୍ରତି ଆଦୌ ସଚେତନ ନୁହଁନ୍ତି । ହୁଗୁଳା ହୋଇ ଲାଗିଥିବା କୃତ୍ରିମ ଦାନ୍ତ ଧାରାବାହିକ ଭାବରେ ପାଟିରେ ଗୋଟିଏ ସ୍ଥାନରେ ଘଷି ହେବା ଦ୍ୱାରା ଉକ୍ତ ସ୍ଥାନରେ କ୍ଷତ ସୃଷ୍ଟି କରେ । ଯାହାକି, ପରବର୍ତ୍ତୀ ସମୟରେ କର୍କଟ ରୋଗ ପାଇଁ ଖୋରାକ ଯୋଗାଇଥାଏ । ମାଢ଼ି ଭିତରେ ସଂଘାତ ଅବସ୍ଥାରେ ଥିବା ଜ୍ଞାନଦାନ୍ତ ସିଧା ଭାବେ ଉଠି ନ ପାରିଲେ ବା ଆଂଶିକ ଉଠିଥିଲେ



ଏହା ମାଢ଼ି ଓ ଦାନ୍ତ ମଧ୍ୟରେ ଏକ ଫାଟ ସୃଷ୍ଟି କରିଥାଏ । ଯାହା ଫଳରେ କି, ଉକ୍ତ ଫାଟ ମଧ୍ୟରେ ଖାଦ୍ୟ କଣିକା ଜମି ରହି ରୋଗ ଜୀବାଣୁ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ସେଥିଯୋଗୁଁ ମାଢ଼ି ଫୁଲି ଦରଜ ହେବା, ପାଟି ଭିତରେ ଦୁର୍ଗନ୍ଧ ହେବା, ଜିଭ ଓ ହନୁହାଡ ତଳେ ଥିବା ଲସିକା ଗ୍ରନ୍ଥି ଫୁଲି ଦରଜ ହେବା ଲକ୍ଷଣମାନ ପ୍ରକାଶ ପାଇଥାଏ । ଏହି ରୋଗ ପୁରୁଣା ହେଲେ ଦାନ୍ତ ମୂଳରେ ପୂଜ ସୃଷ୍ଟି ହୋଇ ଉକ୍ତ ଦାନ୍ତର ଚାରିପଟେ ଥିବା ହନୁହାଡ଼କୁ କଣା କରି ଗାଲ ବାହାର ପଟେ ପୂଜ ନିର୍ଗତ ହେବା ପରିଲକ୍ଷିତ ହୋଇଥାଏ । ଏହାକୁ ରଘଙ୍ଗକ୍ସବକ୍ଷ ଙକ୍ସବକ୍ଷ ୪ସଭଙ୍କଙ୍ଗ ବୋଲି କୁହାଯାଏ ଏବଂ ଏହି ଚିକିତ୍ସାର ଅବହେଳା ଯୋଗୁଁ ଅନେକ ସମୟରେ ମୁଖ ଗହ୍ୱର କର୍କଟ ରୋଗ ହେବାର ସମ୍ଭାବନା ଥାଏ ।

ବୟସ ଏବଂ ଲିଙ୍ଗର ଏହି ରୋଗ ସହିତ ସାମସ୍ୟ ଅଛି । ୪୦ରୁ ୬୦ ବର୍ଷ ବୟସ ମଧ୍ୟରେ ଏବଂ ସ୍ତ୍ରୀମାନଙ୍କ ଅପେକ୍ଷା ପୁରୁଷମାନେ ଅଧିକ ମାତ୍ରାରେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

ମୁଖ ଗହ୍ୱର କର୍କଟ ରୋଗର କେତେକ ପୂର୍ବାଭାଷ ଲକ୍ଷଣ ପ୍ରକାଶ ପାଇଥାଏ । ଯଥା ସାମାନ୍ୟ ରାଗଯୁକ୍ତ ଏବଂ ଗରମ ଖାଦ୍ୟ ଖାଇବାରେ ଭୀଷଣ କଷ୍ଟ ଅନୁଭବ କରିବା, ସ୍ୱର ପରିବର୍ତ୍ତନ, ଏକ ନିର୍ଦ୍ଦିଷ୍ଟ ଅନୁପାତଠାରୁ ପାଟି ଖୋଲି ନ ପାରିବା, ପାଟି ଭିତରେ ମାଂସପେଶୀ ଓ ତନ୍ତୁ ଅତ୍ୟଧିକ ଟାଣୁଆ ଓ କଠିନ ଲାଗିବା, ରୋଗାକ୍ରାନ୍ତ ସ୍ଥାନ ଧଳା କିମ୍ବା ଈଷତ ହଳଦିଆ, ଲାଲ ରଙ୍ଗ ଦେଖାଯିବା ଓ ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଇତ୍ୟାଦି । ଏଣୁ ଏହି ସବୁ ପୂର୍ବାଭାଷଗୁଡ଼ିକ ଯେହେତୁ ପାଟି ଭିତରର ଅବସ୍ଥା ତେଣୁ ରୋଗୀ ରୋଗ ଆରମ୍ଭରୁ ନିଜେ ଦେଖିପାରିଥାଏ ଓ ଦନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ରୋଗ ଆରମ୍ଭରୁ ଚିହ୍ନା ପଡ଼ିଥାଏ ଏବଂ ରୋଗ ଆରୋଗ୍ୟର ସମ୍ଭାବନା ଅଧିକ ଓ ସହଜସାଧ୍ୟ ହୋଇଥାଏ । କିନ୍ତୁ ଏହି ରୋଗ ପୁରୁଣା ହେଲେ ଏହାର ଚିକିତ୍ସା ବ୍ୟୟବହୁଳ ଏବଂ ଭଲ ହେବାର ସମ୍ଭାବନା ସନ୍ଦେହଜନକ ।

ଏହି ମୁଖ ଗହ୍ୱର କର୍କଟ ରୋଗର ପ୍ରତିକାର ଯଥା - ଧୂମପାନ, ଗୁଆ, ଚୂନ, ଅତ୍ୟଧିକ ରାଗ ବିଶେଷ ଭାବେ କ□ାଲଙ୍କା ଯୁକ୍ତ ଖାଦ୍ୟ ବର୍ଜନୀୟ ଏବଂ ଦନ୍ତରୋଗ ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ପରୀକ୍ଷା ଓ ପରାମର୍ଶ ଅତିକ୍ରମରେ ୬ ମାସରେ ଥରେ ପରାମର୍ଶ ନେବା ଉଚିତ୍ । ଏହି ସବୁ ନିମୟ ମାନି ଚଳିଲେ ମୁଖଗହ୍ୱର କର୍କଟ ରୋଗ ହେବାର ସମ୍ଭାବନାକୁ ଯଥେଷ୍ଟ ଏଡାଇ ଦିଆଯାଇ ପାରେ ।

ପରିଶେଷରେ ଏତିକି କହି ରଖେ ଯେ ଜନସାଧାରଣଙ୍କୁ ଏହି ରୋଗ ବିଷୟରେ ସଚେତନ କରାଇବା ଲାଗି ନିହାତି ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ ଏବଂ ଖରାପ ଅଭ୍ୟାସକୁ ସେମାନେ ଯେପରି ତ୍ୟାଗ କରିବେ ସେ ସଂପର୍କରେ ସେମାନଙ୍କୁ ପ୍ରଚାର ମାଧ୍ୟମରେ ଶିକ୍ଷା ଦେବା ସରକାରଙ୍କର ଓ ଆମ୍ଭମାନଙ୍କର କର୍ତ୍ତବ୍ୟ ହେବା ଉଚିତ୍ ।

**ପ୍ରାକ୍ତନ ସଭାପତି,**
**ରାଜ୍ୟ ଦନ୍ତ ଚିକିତ୍ସକ ସଂଘ,**
**ଚାନ୍ଦିନୀଚୌକ, କଟକ-୨,**
**ଫୋନ: ୯୪୩୭୩-୧୦୧୭୧**

## "ବିଶ୍ୱ ତମାଖୁ ବର୍ଜନ ଦିବସ"

◆ କାଳି ଦାସ

ତମାଖୁ ମାନବ ସମାଜ ର ବଡ ଶତ୍ରୁ । ଏହା ଏକ ନିଶା ଦ୍ରବ୍ୟ । ତମାଖୁ, ମଣିଷ ଥରେ ଖାଇଲେ ବାରମ୍ବାର ଖାଇବା ପାଇଁ ଚାହେଁ । ତମାଖୁ ସେବନ ଦ୍ୱାରା ଲୋକମାନେ ବିଭିର୍ନ୍ନ ରୋଗ ର ଶିକାର ମଧ୍ୟ ହୋଇଥାଏ । କେବଳ ଭାରତ ରେ ନୁହେ ବିଶ୍ୱ ର ସବୁ ଦେଶ ର ଲୋକମାନେ ତମାଖୁ ସେବନ କରିଥାନ୍ତି । ଏବଂ ତମାଖୁ ପାଇଁ ବିଭିର୍ନ୍ନ ରୋଗ ରେ ଆକ୍ରାନ୍ତ ମଧ୍ୟ ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତମାଖୁ ଉପରେ ଅଧ୍ୟୟନ କରି ଏହି ସିଦ୍ଧାନ୍ତ ରେ ପହଂଚିଛି ଯେ ତମାଖୁ ଦ୍ୱାରା ହେଉଥିବା କ୍ଷତି କୁ ରୋକିବା କୁ ହେଲେ ବିଶ୍ୱ ରୁ ତମାଖୁ ସେବନ କୁ ଶେଷ କରିବା କୁ ପଡିବ ଏବଂ ତମାଖୁ ଉତ୍ପାଦନ କୁ ମଧ୍ୟ ଶେଷ କରିବା କୁ ପଡିବ । ପ୍ରତିବର୍ଷ ତମାଖୁ ସେବନ କରୁଥିବା ବ୍ୟକ୍ତି ମାନଙ୍କ ଭିତରୁ ୮ ମିଲିୟନ ଲୋକ ତମାଖୁ ଲାଗି ପ୍ରାଣ ହରାଇ ଥାନ୍ତି । ତମାଖୁ ସେବନ କରି ଅନେକ ରୋଗ ର ଲୋକମାନେ ଶିକାର ହୁଅନ୍ତି ଯେମିତି କି ଲଂସ କ୍ୟାନସର,କିଡନି କ୍ୟାନସର, ମୁଣ୍ଡ ର ଏବଂ ବେକ ର କ୍ୟାନସର, ବ୍ଲାଇଡ଼ର କ୍ୟାନସର ଏବଂ ପେଟ ର କ୍ୟାନସର ଇତ୍ୟାଦି । ପ୍ରତି ବର୍ଷ ୩୧ ମଇ ରେ ବିଶ୍ୱ ତମାଖୁ ନିରାକରଣ ଦିବସ ପାଳନ କରାଯାଇଥାଏ । ତମାଖୁ ସେବନ ରୁ ଲୋକମାନଙ୍କୁ ମୁକ୍ତ କରିବା ପାଇଁ ସାମାଜିକ କର୍ମୀ ଓ ସ୍କୁଲ କଲେଜ ର ଛାତ୍ର ଛାତ୍ରୀ ମାନେ ହାତ ରେ ପୋଷ୍ଟର ଏବଂ ବ୍ୟାନର ଧରି ଶୋଭା ଯାତ୍ରା ରେ ବାହାରି ଥାନ୍ତି । ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଲା ଲୋକଙ୍କୁ ତମାଖୁ ର ଅପକାରିତା ଉପରେ ସଚେତନ କରିବା । ସେମାନଙ୍କ ପ୍ଲାକାର୍ଡ ରେ ଲେଖା ଯାଇଥାଏ "ଜୀବନ ଅମୂଲ୍ୟ , ତମାଖୁ ଛାଡ ଆଉ ସୁସ୍ଥ ରୁହ" । ଅନ୍ୟ ପ୍ଲାକାର୍ଡ ରେ




ଲେଖାଯାଇଥାଏ "ତମାଖୁ କୁ ଯିଏ ଚୋବାଇବ ଜୀବନ କୁ ସିଏ ହରାଇବ" । ୧୯୮୭ ରେ ପ୍ରଥମ ଥର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ତାର ସଭ୍ୟ ରାଜ୍ୟଙ୍କ ଦ୍ୱାରା ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ତମାଖୁ କେତେ ସ୍ୱାସ୍ଥ୍ୟ ପାଇଁ ଭୟଙ୍କର ଏବଂ କେତେ ଲୋକ ତମାଖୁ ଯୋଗୁ ପ୍ରାଣ ହରାଇଛନ୍ତି ସେହି ବିଷୟ ରେ ଆଲୋଚନ ହୋଇଥିଲା । ୧୯୮୭ ମସିହା ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଏକ ରିଜୋଲ୍ୟୁସନ ଦ୍ୱାରା ନିଷ୍ପତି ନିଆଯାଇଥିଲା ଯେ ୭ ଏପ୍ରିଲ ୧୯୮୮କୁ ବିଶ୍ୱ ଧୁମ ପାନ ନିଷେଧ ଦିବସ ରୂପେ ପାଳନ କରାଯିବ । ଧୁମ ପାନ କରୁଥିବା ଲୋକମାନେ କ୍ୟାନସର ହାର୍ଟ ଡ଼ିଜିଜ ଷ୍ଟ୍ରୋକ , ଲଂସ ଡ଼ିଜିଜ, ଡାଇବେଟିକ ପ୍ରଭୃତି ରୋଗ ର ଆକ୍ରାନ୍ତ ହୋଇଥାନ୍ତି । ଧୁମ ପାନ ନ କରୁଥିବା ଲୋକ ମାନେ ମଧ୍ୟ ଅନ୍ୟ ଧୁମ ପାନ କରୁଥିବା ଲୋକ ଙ୍କ ବଦ ଅଭ୍ୟାସ ପାଇଁ ବିଭିର୍ନ୍ନ ରୋଗରେ ପଡିଥାନ୍ତି । ସାର୍ବଜନିକ ସ୍ଥାନ ରେ ଧୁମ ପାନ କଲେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଉପରେ ମଧ୍ୟ ତମାଖୁ ଧୂଆଁ ର ପ୍ରଭାବ ପଡେ । ସେମାନଙ୍କୁ ପେସିଭ ସ୍ମୋକର କୁହାଯାଏ । ପେସିଭ ସ୍ମୋକର ମାନେ ମଧ୍ୟ ବିଭିର୍ନ୍ନ ରୋଗ ରେ ଶିକାର ହୁଅନ୍ତି । ତେଣୁ ସାର୍ବଜନିକ ଜାଗା ରେ ଧୁମ ପାନ ନିଷେଧ ହେବା କଥା । ବର୍ତ୍ତମାନ ସରକାର ଏହି ସବୁ ଜାଗା ଗୁଡିକ ଉପରେ ଧୁମ ପାନ ଉପରେ ଆଙ୍କୁଶ ଲଗାଇଛନ୍ତି । ୨୨ ଅକ୍ଟୋବର ୨୦୦୨ ରେ ଭାରତ ସରକାରଙ୍କ ଦ୍ୱାରା ସର୍ବସାଧାରଣ ଜାଗା ରେ ଧୁମ ପାନ ଉପରେ ନିଷେଧ ଆଜ୍ଞା ଜାରି କରାଯାଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର କହିବା ମୁତାବକ ବିଶ୍ୱ ର ୧୨% ଧୁମ ପାନ କରୁଥିବା ବ୍ୟକ୍ତି ଭାରତୀୟ । ବର୍ତ୍ତମାନ ବିଶ୍ୱ ରୁ ତମାଖୁ କୁ କିପରି ସମ୍ପୁର୍ଣ ଭାବ ରେ ବର୍ଜନ କରାଯିବ ସେ ବିଷୟ ରେ ଚିନ୍ତା ଚାଲିଛି । ତାହେଲେ ଆମର ଭାବଷ୍ୟତ ର ବଂଶଧର ମାନେ ତମାଖୁ ଜନିତ ସମସ୍ୟା ରେ ପଡିବେ ନାହିଁ । ତମାଖୁ କୁ ପାନ ପୁଡିଆ ରେ , ପାନ ରେ , ନାଶ ରେ ଓ ଖଇନି ହିସାବ ରେ ଯେଉଁମାନେ ଖାଇଥାନ୍ତି ସେମାନେ ମଧ୍ୟ ରୋଗ ର ଶିକାର ହୁଅନ୍ତି । ଲୋକଙ୍କୁ ତମାଖୁ ଜନିତ ବିପଦ ବିଷୟ ରେ ସଚେତନ କରିବା ପାଇଁ ସିଗେରେଟ ପେକେଟ ଉପରେ ବିଭିର୍ନ୍ନ ଭୟଙ୍କର ଚିହ୍ନ ସହିତ ସତର୍କ ତା ଅବଲମ୍ବନ ପାଇଁ "ସିଗେରେଟ ଇଜ ଇଞ୍ଜୁରିୟସ ଟୁ ହେଲଥ" ବୋଲି ଲେଖାଯାଇଥାଏ । ଏହା ସମସ୍ତ ସତ୍ତ୍ୱେ ଲୋକମାନେ ତମାଖୁ ଖାଇବା ର ବଦ ଅଭ୍ୟାସ ରୁ ମୁକ୍ତି ପାଇ ପାରୁ ନାହାନ୍ତି । ଆମ ଓଡିଆ ରେ ଗୋଟିଏ କଥା ଅଛି "ପାନ ବିଡି ନୁହେ ଛୋଟିଆ ନିଶା ଜଣା ପଡେ ନାହିଁ ଟାଣେ ପଇସା " ଏହା ନିହାତି ସତ୍ୟ କଥା । ଏହି ତମାଖୁ ସେବନ କରିବା ବ୍ୟକ୍ତି ମାନେ ଘର ର ଆର୍ଥିକ ଅବସ୍ଥା କୁ ଦୁର୍ବଳ କରିଥାନ୍ତି । ପିଲାଙ୍କ ର ଶିକ୍ଷା , ଖାଦ୍ୟ ଏବଂ ଚିକତ୍ସା ସବୁ କିଛି ଉପରେ ଏହାର ପ୍ରଭାବ ପଡିଥାଏ । ଏହି ତମାଖୁ ପାଇଁ ପରିବାର ରେ ଅଶାନ୍ତି ସବୁ ବେଳେ ଲାଗି ରହିଥାଏ । ଆଜିକାଲି ଛୋଟ ଛୋଟ ପିଲାମାନେ ମଧ୍ୟ ତମାଖୁ ସେବନ କରିବା ଦେଖିବା କୁ ମିଳୁଛି । ସାହି ସାହି ରେ ପାନ ଦୋକାନ ଏବଂ ବିକ୍ରି ହୋଇଥିବା ତମାଖୁ ସାମଗ୍ରୀ ଆମ ପିଲାଙ୍କ ଭବିଷ୍ୟତ କୁ ଅନ୍ଧକାର କରିଦେଉଛି । ଯେଉଁ ବୟସ ରେ ପିଲାମାନେ ପାଠ ପଢିବା କଥା ସେହି ବୟସ ରେ ସେମାନେ ତମାଖୁ ସେବନ କରୁଛନ୍ତି । ପିଲା ମାନଙ୍କର ଧୁମ ପାନ କରୁଥିବା ଦୃଶ୍ୟ ଅନେକ ଜାଗା ରେ ଦେଖିବା କୁ ମିଳିଛି । ପିଲା ମାନଙ୍କ ତମାଖୁ ସେବନ କରିବା କେତେ ଦୂର ଠିକ ? ଭାରତ ରେ ନିଶା ଦ୍ରବ୍ୟ ଅନ୍ୟ ଦେଶ ରୁ ଆସି ଲୁଚା ଛପା ରେ ବିକ୍ରି ହେଉଛି । ଏହା ଆମ ଯୁବପିଢି କୁ ନଷ୍ଟ କରୁଛି । ପଞ୍ଜାବ ରେ ଚାଲିଥିବା ନିଶା ଉପରେ ଚଳଚିତ୍ର କରଯାଇଥିଲା ତା ନାମ ଥିଲା "ଉଡତା ପଞ୍ଜାବ" ନିଶା ସେବନ କେବଳ ସାଧାରଣ ଲୋକଙ୍କ ଭିତରେ ରହିଯାଇନାହି ବରଂ ଏହା ଆମ ସେଲେବ୍ରେଟି ଓ ସିନେମା ଇଣ୍ଡଷ୍ଟ୍ରି ଭିତରେ ପଶିଯାଇଛି ।ନିଶା ସହିତ ଅପରାଧ ର ନିବିଡ ସମ୍ପର୍କ । ନିଶାମୁକ୍ତ ସମାଜ ହେଲା ଅପରାଧ ମୁକ୍ତ ସମାଜ । ଅନେକ ପ୍ରକାର ର ମାନସିକ ସମସ୍ୟା କୁ ମଧ୍ୟ ନିଶା ଜନ୍ମ ଦେଉଛି ।ତେଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବ ରେ ଏମିତି ଯୋଜନା କରିବା ଉଚିତ ଯାହା ଦ୍ୱାରା ଭାରତ ନିଶା ମୁକ୍ତ ହୋଇ ପାରିବ ।

*ବ୍ରହ୍ମପୁର, ଖୋଡ଼ାସିଙ୍ଗି କଳିଙ୍ଗନଗର -*
*୭୨୦୫୧୦୦୮୩୯*

## ତମାଖୁ ଓ ଲିଭର


◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ବିଶ୍ୱ ତମାଖୁ ନିରୋଧ ଦିବସ



ବିଗତ ତିନିବର୍ଷରୁ ଉର୍ଦ୍ଧ୍ୱ କରୋନା ମହାମାରୀ ସମଗ୍ର ବିଶ୍ୱକୁ ହା ହୁତାଶ ଓ ଶାରୀରିକ ଯନ୍ତ୍ରଣା, ନୈରାଶ୍ୟ ଅଭାବନୀୟ ଦୁଃଖ ଭିତରକୁ ଠେଲି ଦେଇଛି । ଏବେ ଟମାଟୋ ଫ୍ଲୁ ଓ ମଙ୍କିଂ ପକ୍ସ ସମଗ୍ର ବିଶ୍ୱକୁ ମଧ୍ୟ ଭୟାନକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି । ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ତମାଖୁକୁ ଯଥେଷ୍ଟ ଦୂରତାରେ ରଖି ଏହାକୁ ସାଥୀ ନକରିବାର ସଂକଳ୍ପ ପାଇଁ ପ୍ରତିବର୍ଷ ମେ ମାସ ୩୧ ତାରିଖରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ପରି ଏହି ବର୍ଷର ବାର୍ତ୍ତା ରହିଛି ନ୍ତତମାଖୁ : ପରିବେଶ ପ୍ରତି ବିପଦ' । ତମାଖୁର ଭୟାବହତା ଜାଣିବା ଆସନ୍ତୁ । ଧୂମପାନ ହୃଦ୍ଘାତର କାରଣ । ତମାଖୁ ଶରୀରର ଅତ୍ୟନ୍ତତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଲିଭରକୁ ସଂକ୍ରମିତ କରିଥାଏ । ଭୋକ ଲାଗିନଥାଏ, ଫେଟ ଫୁଲେ ଏବଂ ପରବର୍ତ୍ତୀ ସମୟରେ ଏହା ଭୟାବହ କର୍କଟର ରୂପ ନେଇଥାଏ । ଫୁସ୍ଫୁସ୍ କ୍ୟାନସରର ମୁଖ୍ୟ କାରଣ ହେଉଛି ଧୂମପାନ (୯୦ ପ୍ରତିଶତ) । ଗଲ୍ବ୍ଲାଡ଼ର କ୍ୟାନସର, ସର୍ଭିକ୍ସ କ୍ୟାନସର, ଖାଦ୍ୟନଳୀ କ୍ୟାନସର, କିଡ୍ନୀ, ଅଗ୍ନ୍ୟାଶୟ, ପରିସ୍ରାଥଳି ଓ ସ୍ୱରଯନ୍ତ୍ରରେ କର୍କଟ ହେବାର ଆଶଙ୍କା ସର୍ବାଧିକ । ବିପଦ କେବଳ ସେତିକିରେ ରହିନାହିଁ, ମୁଖ କର୍କଟ, ଗଳା କର୍କଟ ଠାରୁ ପେଟରେ କର୍କଟ ଏପରିକି ଗର୍ଭାଶୟରେ କର୍କଟ ରୋଗ ବି ହୋଇପାରେ । ଧୂମପାନ ଠାରୁ ଦୂରେଇଥିବା ବ୍ୟକ୍ତି ତୁଳନାରେ ନିଶା ଗ୍ରସ୍ତ ଲୋକଙ୍କ ହୃଦ୍ଘାତ ହେବାର ଆଶଙ୍କା ଦୁଇରୁ ଚାରିଗୁଣା ଅଧିକ । ସେହିପରି ମହିଳାମାନେ ଧୂମପାନ କଲେ ସେମାନଙ୍କର ପାକସ୍ଥଳୀରେ କର୍କଟ ହେବାର ଆଶଙ୍କା ଅଧିକ ରହୁଛି । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ମହିଳାଙ୍କ କ୍ଷେତ୍ରରେ ପାଖାପାଖି ୭୦ ପ୍ରତିଶତ ପାକସ୍ଥଳୀ କର୍କଟ ହେବାର କାରଣ ହେଉଛି ଏହି ଭୟାବହ ଧୂମପାନ । ମନେରଖନ୍ତୁ ତମାଖୁ ସେବନ ଦ୍ୱାରା ଦାନ୍ତର ସୌନ୍ଦର୍ଯ୍ୟ ସହ ଏହାର ଗଠନ ଶୀଳତା ନଷ୍ଟ ହୋଇଥାଏ, ଯାହାଦ୍ୱାରା କି ଖାଦ୍ୟର ସ୍ୱାଦ ଜାଣିବାର କ୍ଷମତା ହରାଇବା ସହ ଗଳାରୁ ରକ୍ତ ପଡ଼ିବା ସାଙ୍ଗରେ ମୁଖ କର୍କଟ ହେବାର ଆଶଙ୍କା ସର୍ବାଧିକ । ସେହିପରି ଧୂମପାନ ହୃଦ୍ସ୍ପନ୍ଦନ ବୃଦ୍ଧି କରି ଉଚ୍ଚରକ୍ତ ଚାପର କାରଣ ହୋଇପାରେ ଏବଂ ହୃଦ୍ଘାତର ଆଶଙ୍କା ବଢ଼ାଇଥାଏ । ତମାଖୁ ସେବନ ଦ୍ୱାରା ପାକସ୍ଥଳୀଟି ସାଙ୍ଘାତିକ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ଆଉ ଯଦି ପୂର୍ବରୁ ଶ୍ୱାସ ରୋଗଥାଏ ତେବେ ଏହି ସମସ୍ୟା ଜଟିଳ । ସେହିପରି ଧୂମପାନ ବା ତମାଖୁ ସେବନ ଦ୍ୱାରା ଶରୀରର ତ୍ୱଚା ଶୁଖିଲା ହେବା ସଙ୍ଗେ ସଙ୍ଗେ କେତେଙ୍କ କ୍ଷେତ୍ରରେ ହଳଦିଆ ପଡ଼ି ରିଙ୍କିଲ୍ ପଡ଼ିଯାଇପାରେ । ଧୂମପାନ କରିବା ଦ୍ୱାରା ମାଂସପେଶୀକୁ କମ୍ ପରିମାଣର ଅମ୍ଳଜାନ ଓ ରକ୍ତ ଆସିଥାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ମାଂସପେଶୀ ପାଇଁ ସବୁଠାରୁ ବଡ଼ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍ର ଲୋକ ଶିକାର ହୋଇଥାନ୍ତି । ସବୁଠାରୁ ଉଦ୍ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ । ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%) । ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଜ୍ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍ଫୁସ୍ କ୍ୟାନସର ହୁଏ । ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଂଟିଅକ୍ସିଡେଂଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଂଚଳର । ଭାରତ, ପାକିସ୍ତାନ, ବାଙ୍ଗଲାଦେଶ, ଶ୍ରୀଲାଙ୍କାରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅନ୍ୟୁନ ୬୫% ଏବଂ କେବଳ ଭାରତରେ ୫୦% । ସାରା ଦେଶରେ ବର୍ଷରେ ଅନ୍ୟୁନ ୭ଲକ୍ଷ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୫୦,୦୦୦ରୁ ଅଧିକ । ଓଡ଼ିଶା ସହିତ ଆସାମ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଉତରପ୍ରଦେଶ, ମଧ୍ୟପ୍ରଦେଶ, ଉତରାଖଣ୍ଡ ଓ ରାଜସ୍ଥାନରେ ଦେଶର ଅନ୍ୟ ଅଂଚଳ ଅପେକ୍ଷା କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ଏବଂ ସାଧାରଣତଃ ଗୁଟ୍ଖା ଓ ତମାଖୁ ସେବନ ପାଇଁ ଏହା ଅଧିକ ହେଉଥିବା ଏକ ପରିସଂଖ୍ୟାନରୁ ସୂଚନା ମିଳିଛି । ସର୍ବେକ୍ଷଣ ଅନୁସାରେ ଓଡ଼ିଶାରେ ୧୫ବର୍ଷରୁ ଉର୍ଦ୍ଧ୍ୱ ଅନ୍ୟୁନ ୪୩% ଜନସାଧାରଣ ତମାଖୁ, ଗୁଟ୍ଖାପରି ସାମଗ୍ରୀ ସହ ଅଭ୍ୟସ୍ତ ଏବଂ ସବୁଠାରୁ ବିଡ଼ମ୍ବନା ହେଉଛି ଏମାନଙ୍କ ମଧ୍ୟରୁ ୩୫%ରୁ ଉର୍ଦ୍ଧ୍ୱ ହେଉଛନ୍ତି ମହିଳା । ମାଲକାନାଗିରି ଜିଲ୍ଲାରେ ସର୍ବାଧିକ ୫୮% ଲୋକ ତମାଖୁ ଓ ଗୁଟ୍ଖା ସହ ଅଭ୍ୟସ୍ତ । ଅନୁରୂପ ଭାବରେ ବଲାଙ୍ଗୀର, ବରଗଡ଼, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, ସମ୍ବଲପୁର ଅଂଚଳରେ ୧୫ବର୍ଷରୁ ଉର୍ଦ୍ଧ୍ୱ ୪୦% ଯୁବକଯୁବତୀ ତମାଖୁ ଓ ଗୁଟ୍ଖା ସେବନ କରୁଛନ୍ତି ବୋଲି ସୂଚନା ମିଳିଛି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଧମୂପାନ ସେବନ ବିରୁଦ୍ଧରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ହାତକୁ ନେଇଛନ୍ତି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସେବାଭିମୁଖୀ ସଂଗଠନମାନେ ମଧ୍ୟ ଧୂମ ରାକ୍ଷାସର କବଳରୁ ସମାଜକୁ ରକ୍ଷା କରିବା ପାଇଁ ଆଗେଇ ଆସୁଛନ୍ତି ।

*ବିଭାଗୀୟ ମୁଖ୍ୟ,ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ : ୯୪୩୭୦୫୧୯୫୭*








# ରବିଧାନ ସଂଗ୍ରହରୁ ବାଦ୍ ଦେବା ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଶାସନର ଦ୍ୱାରସ୍ଥ

ଭଦ୍ରକ : (ହି.ସ.) - ରବିଧାନ ସଂଗ୍ରହ କାର୍ଯ୍ୟରୁ ବାଦ୍ ପଡୁଥିବା ଅସୁରାଳି (ହଂସପୁର) ସ୍ଥିତ ବାବା ଆଖଣ୍ଡଳମଣି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଜି ଜିଲା ପ୍ରଶାସନର ଦ୍ୱାରସ୍ତ ହୋଇଛନ୍ତି । ଏ ନେଇ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ଏମାନଙ୍କର ଅଭିଯୋଗ ହେଲା ଅସୁରାଳି ଗ୍ରାମପଂଚାୟତର ଚାଷୀ ଭାଇ ମାନଙ୍କ ପାଇଁ ସରକାରଙ୍କ ତରଫରୁ ଏହି ସ୍ୱୟଂ ଶାସିତ ଗୋଷ୍ଠୀକୁ ଧାନ ସଂଗ୍ରହ ନିମନ୍ତେ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ସରକାରଙ୍କ ଅଧିନିୟମ ଅନୁଯାୟୀ ଧାନକ୍ରୟ ବିକ୍ରୟ କାର୍ଯ୍ୟଟିକୁ ସୂଚାରୁ ରୂପେ ସଂପାଦନ କରି ଆସିଥିଲୁ । କିନ୍ତୁ ଗତ ତା ୨୦.୦୫.୨୬ ରିଖରେ ଏହି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏକ ପତ୍ର ମାଧ୍ୟମରେ ବିଭିନ୍ନ କାରଣ ଦର୍ଶାଇ ରବିଧାନ ସଂଗ୍ରହ କାର୍ଯ୍ୟରୁ ଅନ୍ତର କରିଛନ୍ତି । ଗୋଷ୍ଠୀ ସଦସ୍ୟାମାନେ ଦର୍ଶାଇଛନ୍ତି ଯେ ଯେଉଁ କାରଣ ଗୁଡିକୁ ଚିଠିରେ ଉଲ୍ଲେଖ କରାଯାଇ ଧାନ ସଂଗ୍ରହରୁ ବାଦ୍ କରିଦିଆଯାଇଛି, ଠିକ୍ ନୁହେଁ । ଆମ୍ଭ ଗୋଷ୍ଠୀ ଚାଷୀଙ୍କ ସୁବିଧା ନିମନ୍ତେ ମଣ୍ଡିରେ ସମସ୍ତ ସୁବିଧା ଉପଲବ୍ଧ ଅଛି । ଏହାସହିତ ରବିଧାନ କ୍ରୟ କରିବା ପାଇଁ ଚାଷୀ ପଂଜିକରଣ, ଚାଷୀ ଜମି ସର୍ଭେ ଓ ପାଲ ଆଣିବା ପାଇଁ ପତ୍ର ମାଧ୍ୟମରେ ଆମ ସ୍ୱୟଂ ସହାୟିକା ଗୋଷ୍ଠୀକୁ ସୂଚନା ଦିଆଯାଇଥିଲା । ଏହିସବୁ କାର୍ଯ୍ୟକୁ ଆମ ସ୍ୱୟଂ ସହାୟିକା ଗୋଷ୍ଠୀ ସୂଚାରୁ ରୂପେ ସଂପାଦନ କରିଥିଲୁ । ଏଣୁ ପୂର୍ବଭଳି ଆମ୍ଭମାନଙ୍କୁ ଧାନମଣ୍ଡି ଖୋଲିବା ନିମନ୍ତେ ଅନୁମତି ଦିଆଗଲେ ବିଶେଷ ଉପକୃତ ହେବୁ ବୋଲି ବାବା ଆଖଣ୍ଡଳମଣି ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ବାସନ୍ତୀ ରାଉତ, ସଂପାଦିକା ମମତାରାଣୀ ରାୟଙ୍କ ସମେତ ଲକ୍ଷ୍ମୀ ରାଉତ, ସୁପ୍ରିୟା ରାଉତ, ସୁମିତ୍ରା ରାଉତ, ଲକ୍ଷ୍ମୀପ୍ରିୟା ରାଉତ, ଚମ୍ପା ରାଉତ, ସସ୍ମିତା ରାଉତ, ଲିପୁନ ରାଉତ, ସୁଶାନ୍ତି ବେହେରା ପ୍ରମୁଖ ସଦସ୍ୟାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଉନ୍ନତମାନର ଗୋବର ଖତ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜୟପୁର: (ହି.ସ.)- ଦେଶରେ ରାସାୟନିକ ସାରର ଉପଲବ୍ଧତା ଓ ଯୋଗାଣ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାକୃତିକ ଚାଷ ପ୍ରଚାର ପାଇଁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁସାରେ, ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ପକ୍ଷରୁ ଉନ୍ନତ ମାନର ଗୋବର ଖତ (ଉଗଣଗ) ପ୍ରସ୍ତୁତି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି ।ସାରର ଅଭାବ, ଅତ୍ୟଧିକ କୃଷି ଖର୍ଚ୍ଚ ଏବଂ ବାହ୍ୟ ରାସାୟନିକ ଉପାଦାନ ଉପରେ ନିର୍ଭରଶୀଳତା ବଢୁଥିବା ପରିପ୍ରେକ୍ଷିରେ, ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ତାହାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ପ୍ରାକୃତିକ ଚାଷ ପଦ୍ଧତିକୁ ସମ୍ମିଳିତ କରୁଛି । ସ୍ଥାନୀୟ ସମ୍ପଦ ଆଧାରିତ କୃଷି, ଜୈବିକ ସାର ଏବଂ ପାରମ୍ପରିକ ଜ୍ଞାନର ବ୍ୟବହାର ମାଧ୍ୟମରେ ମାଟିର ସ୍ୱାସ୍ଥ୍ୟ ଉନ୍ନତି, ଚାଷ ଖର୍ଚ୍ଚ ହ୍ରାସ ଏବଂ ଦୀର୍ଘମିଆଦୀ କୃଷି ସ୍ଥିରତା ସୁନିଶ୍ଚିତ ହୋଇପାରିବ ବୋଲି ସଂସ୍ଥା ବିଶ୍ୱାସ କରେ ।ଏହି ପରିପ୍ରେକ୍ଷିତରେ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ସହଯୋଗରେ ଚାଲୁଥିବା "ସ୍ୱାଇସ୍ ପ୍ରକଳ୍ପ" ଅନ୍ତର୍ଗତ "ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ଓ ପ୍ରୟୋଗ" ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୯ ମଇ ୨୦୨୬ ତାରିଖରେ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏହାର ସମ୍ମିଳନୀ କକ୍ଷ, ଜୟପୁରରେ ଆୟୋଜିତ ହୋଇଥିଲା । କୋରାପୁଟ ବ୍ଲକର ବିଭିନ୍ନ ଗ୍ରାମରୁ ୫୦ରୁ ଅଧିକ ଚାଷୀ ଉତ୍ସାହର ସହିତ ଏହି ପ୍ରଶିକ୍ଷଣରେ ଭାଗ ନେଇଥିଲେ ।କାର୍ଯ୍ୟକ୍ରମରେ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡ଼ଃ. କାର୍ତ୍ତିକ ଚରଣ ଲେଙ୍କା ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରି ପ୍ରାକୃତିକ ଚାଷର ଗୁରୁତ୍ୱ, ମାଟିର ଉର୍ବରତା ପରିଚାଳନା ଏବଂ ଗୋବର ଖତର ଭୂମିକା ସମ୍ପର୍କରେ ବିସ୍ତାରିତ ଭାବେ ଅବଗତ କରାଇଥିଲେ । ସେ କହିଥିଲେ ଯେ, ଗୋବର ଖତ ମାଟିର ଜୈବିକ ଉପାଦାନ, ସୂକ୍ଷ୍ମଜୀବ କ୍ରିୟାକଳାପ ଓ ଫସଲ ଉତ୍ପାଦନକୁ ବୃଦ୍ଧି କରିଥାଏ । ସାର ଅଭାବ ସମୟରେ ଏହା ଏକ କାର୍ଯ୍ୟକାରୀ ବିକଳ୍ପ ଭାବେ କାମ କରିପାରିବ ଏବଂ ଜଳବାୟୁ ସହନଶୀଳ କୃଷିକୁ ପ୍ରୋତ୍ସାହନ ଦେବ ବୋଲି ସେ ମତ ପ୍ରକାଶ କରିଥିଲେ । ସେ ମଧ୍ୟ କହିଥିଲେ ଆଗକୁ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ପ୍ରାକୃତିକ କୃଷି ଓ ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ଓ ପ୍ରୟୋଗ ଉପରେ ଗ୍ରାମ୍ୟ ସ୍ତରରେ ଚାଷୀମାନଙ୍କୁ ସଚେତନ କରିବ ।ପ୍ରଶିକ୍ଷଣର ପ୍ରାୟୋଗିକ ଅଧିବେଶନକୁ ଅବସରପ୍ରାପ୍ତ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଶ୍ରୀ ଏସ୍.ଭି. ରମଣା ପ୍ରଶିକ୍ଷକ ଭାବେ ଯୋଗ ଦେଇ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ସେ ଉନ୍ନତ ମାନର ଗୋବର ଖତ ପ୍ରସ୍ତୁତି ପ୍ରଣାଳୀ, ପୋଷକ ସମୃଦ୍ଧିକରଣ ପ୍ରକ୍ରିୟା, ଆବଶ୍ୟକ ମାତ୍ରା ଓ କୃଷି କ୍ଷେତ୍ରରେ ପ୍ରୟୋଗ ପ୍ରଣାଳୀ ଉପରେ ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ । ସ୍ଥାନୀୟ ଭାବେ ଉପଲବ୍ଧ କୃଷି ସମ୍ପଦକୁ ବ୍ୟବହାର କରି ସ୍ଥାୟୀ ପୋଷକ ପରିଚାଳନା କରିବାର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ଚାଷୀମାନଙ୍କୁ ସଚେତନ କରାଯାଇଥିଲା । ମତାମତ ଅଧିବେଶନରେ ଅଂଶଗ୍ରହଣକାରୀ ଚାଷୀମାନେ କହିଥିଲେ ଯେ, ଏହି ପ୍ରଶିକ୍ଷଣ ତାଙ୍କୁ ଉପଯୋଗୀ ପ୍ରାୟୋଗିକ ଜ୍ଞାନ, ନୂତନ ଶିକ୍ଷା ଏବଂ ପ୍ରାକୃତିକ ଚାଷ ଗ୍ରହଣ କରିବା ପାଇଁ ନୂତନ ଆତ୍ମବିଶ୍ୱାସ ପ୍ରଦାନ କରିଛି । ପ୍ରଶିକ୍ଷଣ ସମୟରେ ହୋଇଥିବା ପ୍ରାୟୋଗିକ ପ୍ରଦର୍ଶନ ଓ ଆଲୋଚନାକୁ ସେମାନେ ବିଶେଷ ଭାବରେ ପ୍ରଶଂସା କରିଥିଲେ । ଶେଷରେ ଚାଷୀ ମାନଙ୍କୁ ଗୋଟିଏ ଗୋଟିଏ କନସୋର୍ଟିଆ ଅନୁଷ୍ଠାନ ତରଫରୁ ଦିଆଯାଇଥିଲା ଯାହାକୁ ବ୍ୟବହାର କରିକି ଚାଷୀମାନେ ଉନ୍ନତମାନର ଖତ ପ୍ରସ୍ତୁତ କରିପାରିବେ । କାର୍ଯ୍ୟକ୍ରମର ଶେଷରେ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନର ଦୀପ୍ତି ସାହୁ ପ୍ରଶିକ୍ଷଣର ମୁଖ୍ୟ ବିଷୟବସ୍ତୁ ଉପରେ ସାରାଂଶ ପ୍ରଦାନ କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀ, ପ୍ରଶିକ୍ଷକ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅଂଚଳରେ ସ୍ଥାୟୀ କୃଷି ଓ ପ୍ରାକୃତିକ ଚାଷ ପ୍ରଚାର ପାଇଁ ସାମୁହିକ ସଙ୍କଳ୍ପ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

# ପାଣି ସମସ୍ୟାର ସମାଧାନ ନହେଲେ ବସିବେ ଅନଶନରେ : ସମିତି ସଭ୍ୟଙ୍କ ନିଆରା ପଦକ୍ଷେପ

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅଂଚଳରେ ପ୍ରବଳ ଗରମ ଓ ଖରା ସହ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅସହାୟ ଜଳ କଷ୍ଟ ଅତିଷ୍ଠ କରୁଛି । ଗ୍ରାମାଂଚଳରେ ଥିବା ନଳକୂପ ଗୁଡିକରେ ପୂର୍ବରୁ ଯେଉଁଠି ଶହେ ଫୁଟରେ ପାଣି ବାହାରୁଥିଲା ଏବେ ଆଉ ନାହିଁ । ପ୍ରବଳ ତାପମାତ୍ରା, ପରିବେଶ ର ପରିବର୍ତ୍ତନ ଯୋଗୁଁ ପୃଥିବୀର ଅସାମନତାର ଭାରସାମ୍ୟ ଯୋଗୁଁ ତାପମାତ୍ରା ବୃଦ୍ଧି ସହ ଜଳ ଶୁଷ୍କ ହେଉଛି । ସକାଳ ପାଇଲା ମାତ୍ରକେ ଖରା ଓ ଗୁଳଗୁଳି ଆରମ୍ଭ ହେଉଛି ପାରଦ ୪୫ ଡିଗ୍ରୀ ରହୁଛି । ତେବେ ଜଳ ସଙ୍କଟ ସମସ୍ୟାକୁ ଦୂର କରିବାପାଇଁ ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା ଏକ ନିଆରା ପଦକ୍ଷେପ ନେଇଛନ୍ତି । ମେ' ୩୧ ତାରିଖ ସୁଦ୍ଧା ଯଦି ମୁରିବାହାଲ ପଂଚାୟତ ଅଂଚଳରେ ପାଣି ସମସ୍ୟା ଯଥା- ପାଇପ ଯୋଗେ ଘରକୁ ଘର ପାଣି ପହଂଚାଇବା, ମୁରିବାହାଲ ଅଂଚଳର ଛକମାନଙ୍କରେ ଜଳ ଛତ୍ର ଖୋଲିବା, ଗଭୀର ନଳକୂପମାନଙ୍କୁ ଶୀଘ୍ର ମରାମତି ଯଦି ନକରାଯାଏ ତାହା ହେଲେ ଅନଶନରେ ବସିବା ପାଇଁ ଚେତାବନୀ ଦେଇଛନ୍ତି । ତେବେ ତାଙ୍କର ନିଆରା ପଦକ୍ଷେପକୁ ବିକାଶ ମଂଚ ମୁରିବାହାଲ ବ୍ଲକ, ଆଦିବାସୀ ସଂଘ ମୁରିବାହାଲ ବ୍ଲକ, ପ୍ରେସ କ୍ଲବ ମୁରିବାହାଲ ସମର୍ଥନ କରିବା ପାଇଁ ନିଷ୍ପତି ନେଇଛି । ତେବେ ଏହି ବିଷୟରେ ବିଡ଼ିଓ ବାସନ୍ତୀ ସେଠୀଙ୍କୁ ଭେଟି ପଚାରିବାରୁ ତୁ ତୁ ମେ ମେ ହେଉଥିବା ଦେଖାଯାଇଛି ।

# ଧାନ ମଣ୍ଡି ଉଦ୍‌ଘାଟିତ

ନୂଆପଡ଼ା : (ହି.ସ.)- ଗତ କୋଡ଼ିଏ ତାରିଖ ଦିନ ନୂଆପଡ଼ା ଜିଲ୍ଲାରେ ରବି ଧାନ ମଣ୍ଡି ଶୁଭାରମ୍ଭ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ମଣ୍ଡି ସବୁ ଆରମ୍ଭ ହୋଇଯାଇଛି । ଖଡ଼ିଆଳ ବ୍ଲକ ବରଗାଁ ପେକ୍ସ ଅଧୀନରେ ତିନିଟି ମଣ୍ଡି ଯଥା ବରଗାଁ, ସାନମହେଶ୍ୱର ଓ ଖୁଦପେଜ ମଣ୍ଡି ଆଜି ଉଦଘାଟିତ ହୋଇଯାଇଛି । ବରଗାଁ ପେକ୍ସ ସଭାପତି ସତ୍ୟପ୍ରିୟ ମୁଣ୍ଡ ପୂଜାର୍ଚ୍ଚନା କରି ଓ ଫିତା କାଟି ମଣ୍ଡି ସବୁର ଶୁଭାରମ୍ଭ କରିଥିଲେ । ଏହି ତିନି ମଣ୍ଡି ପାଇଁ ମୋଟ୍ ୧୩୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଅଶି ହଜାର କ୍ୱିଂଟାଲରୁ ଅଧିକ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆଯାଇଛି । ଚାଷୀଙ୍କ ପାଇଁ ମଣ୍ଡିରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ନେଇ ପେକ୍ସ ସଭାପତି ଶ୍ରୀମୁଣ୍ଡ ସୂଚନା ଦେଇଛନ୍ତି । କଟନି ଛଟନି ବନ୍ଦ କରିବା, ପଲିଥିନ ଯୋଗାଇବା, ଠିକ୍ ସମୟରେ ଧାନ ଉଠିବା ଆଦି ବ୍ୟବସ୍ଥା ଦାବି କରିଛନ୍ତି ଚାଷୀ ମାନେ । ଆଜିର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପେକ୍ସ ସମ୍ପାଦକ ଭାଗିରଥୀ ପଟେଲ, ଖୁଦପେଜ ସରପଂଚ ଯଶୋଦା ଶତପଥୀ, ଡିଇଓ ଯଶୋବନ୍ତ ପଟେଲଙ୍କ ସମେତ ଚାଷୀ ମାନେ ଉପସ୍ଥିତ ଥିଲେ ।

# ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ପୁନଃ କାର୍ଯ୍ୟକାରୀ ନିମନ୍ତେ ସ୍ୱେଚ୍ଛାସେବୀ ମାନଙ୍କ ବୈଠକ

କନ୍ଧମାଳ : (ହି.ସ.)- କନ୍ଧମାଳ ଜିଲ୍ଲା ରେ ଶ୍ରୀ ଅନ୍ନ ପ୍ରକଳ୍ପ ପରିଚାଳିତ ହେଉଥିବା ବେଳେ ଆଜିର ସମୟରେ ପ୍ରକଳ୍ପରେ କିଛି ପରିବର୍ତ୍ତନ କରି କୃଷକ ଉତ୍ପାଦକ ଗୋଷ୍ଠି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ର ସହଭାଗିତାକୁ କାଢି ନିଆଯାଇଛି । ଏଥିରେ ଅସନ୍ତୋଷ ପ୍ରକାଶ କରି ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ମାନେ ସ୍ୱାତୀ ଅନୁଷ୍ଠାନ, ଫୁଲବାଣୀ କାର୍ଯ୍ୟାଳୟ ଠାରେ ଏକ ବୈଠକ କରି ବିଭିନ୍ନ ଦାବି ଯଥା ଟିକାବାଲି, ଚକାପାଦ, ଜି.ଉଦୟଗିରି ଓ ଖଜୁରିପଡା ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ପୁନଃ କାର୍ଯ୍ୟକାରୀ ନିମନ୍ତେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ଦାବି ପତ୍ର ଦେବାକୁ ସ୍ଥିର କରିଛନ୍ତି । ମୁଖ୍ୟତଃ ଆଗାମି ଦିନରେ କିପରି ଗୁଣବତା ହିସାବରେ କାର୍ଯ୍ୟକାରି ହେବ ତାହା ଆଲୋଚନାର ମୁଖ୍ୟ ବିଷୟ ରହିଥିଲା । ଆଲୋଚନାରେ ସ୍ୱାତୀ ର ସମ୍ପାଦକ ହରି ଶଙ୍କର ରାଉତ, ଜନବିକାଶ ର ସମ୍ପାଦକ ମଦନ ସୁଆଲସିଂ, ସେୟାରର ନିର୍ଦ୍ଦେଶକ କରାମତ ଅଲ୍ଲି ଖାନ୍, ଓରିଶା ର ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ମହାପାତ୍ର, କନ୍ଧମାଳ ଜିଲ୍ଲା ସବୁଜ ବୈଦ୍ୟ ସଙ୍ଗଠନ ର ସମ୍ପାଦକ ଦିନବନ୍ଧୁ ମହାରଣା ଓ ଶାନ୍ତି ମୈତ୍ରି ର ସମ୍ପାଦକ ଭଗବାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱୟଂସହାୟକ ଗୋଷ୍ଠି, କୃହକ , କୃଷକ ଉତ୍ପାଦକ ଗୋଷ୍ଠି ମାନଙ୍କର ଉନ୍ନତି କରିବା ସହିତ କୃଷି ବିଭାଗ ଓ ଓଡିଶା ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରି କନ୍ଧମାଳ ଜିଲ୍ଲା କୁ ଅଗ୍ରଣୀ ଜିଲ୍ଲା କରିବାକୁ ନିଷ୍ପତି ନେଲେ ।

# ଆଇଏମ୍‌ଏଫ୍‌ଏଲ୍ ଦୋକାନ ବଂଟନ ଲଟେରୀ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଆବକାରୀ ଜିଲ୍ଲାର ୨୦୨୬-୨୭ ବର୍ଷ ପାଇଁ ଆଇଏମଏଫଏଲ ଦୋକାନଗୁଡ଼ିକର ବ[ନ ନିମନ୍ତେ ଆଜି ସଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଖୋଲା ଲଟେରି ପ୍ରକ୍ରିୟା ସଫଳତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି । ଚଳିତ ବର୍ଷ ଜିଲ୍ଲାର ମୋଟ ୯ଟି ଆଇଏମଏଫଏଲ୍ 'ଅଫ୍' ଦୋକାନ ଯଥା ଖରିଆର ରୋଡ୍-୧, ଖରିଆର ରୋଡ୍-୨, ବେଲଟୁକୁରି, ବୋଡେନ, ଖଡ଼ିଆଳ, କୋମନା, ଲଖନା, ନୂଆପଡ଼ା ଓ ସିନାପାଲି ଦୋକାନ ପାଇଁ ମୋଟ ୨୮୦ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ନୂଆପଡ଼ା ଦୋକାନ ପାଇଁ ସର୍ବାଧିକ ୧୦୬ଟି ଆବେଦନ ମିଳିଥିବା ବେଳେ ସିନାପାଲି ପାଇଁ ୫୦ଟି, କୋମନା ପାଇଁ ୪୦ଟି ଏବଂ ବୋଡେନ ପାଇଁ ୩୯ଟି ଆବେଦନ ଦାଖଲ ହୋଇଥିଲା । ଲଟେରି ପ୍ରକ୍ରିୟା ୯ଟି ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା । ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା । ଲଟେରିରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ରର ଯାଂଚ୍ ପରେ ଏବଂ ନିର୍ଦ୍ଧାରିତ ଫି' ପ୍ରଦାନ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ । ଲଟେରିର ଫଳାଫଳ ଇ-ଆବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି । ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଂଚ୍ ବ୍ୟବସ୍ଥା କରାଯାଇଥିବା ବେଳେ କେବଳ ଆବେଦନକାରୀ ଓ ସେମାନଙ୍କ ଅନୁମୋଦିତ ପ୍ରତିନିଧିଙ୍କୁ ସଭାଗୃହ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା । ଆବେଦନକାରୀଙ୍କ ସୁବିଧା ପାଇଁ ପ୍ରଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ବ୍ୟବସ୍ଥା କରାଯାଇଥିଲା । ଏହାସହ ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯାଇଥିଲା । ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ ଓ ଆବକାରୀ ବିଭାଗର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଆବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଏସ୍ଡିପିଓ ଖୀରେଶ୍ୱର ସାହୁ, ଜିଲ୍ଲା ସୂଚନାବିଜ୍ଞାନ ଅଧିକାରୀ ବିନୟ କୁମାର ତିଓ୍ୱାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଜଳ ଯନ୍ତ୍ରଣା

ଜୟପୁର : (ହି.ସ.)- କୋରାପୁଟ ଜିଲ୍ଲା ରେ କଲବଲ କରୁଛି ପ୍ରଚଣ୍ଡ ଖରା । ଗରମ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ତାତି । ଏଭଳି ପରିସ୍ଥିତିରେ ଜଳ ଯନ୍ତ୍ରଣା କଷ୍ଟକୁ ଆହୁରି ଆହୁରି ଅଧିକ ଦ୍ୱିଗୁଣିତ କରିଦେଇଛି । ଏହା ଗାଁ ଗହଳିର ଘଟଣା ନୁହଁ, ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଠାରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଗୁପ୍ତେଶ୍ୱର ପୀଠରେ ପର୍ଯ୍ୟଟକଙ୍କୁ ପିଇବା ପାଇଁ ପାଣି ମୁନ୍ଦାଏ ମିଳୁନି । ଆଶା ଥିଲା ଡବଲ ଇଂଜିନ ସରକାର. ଆସିବା ପରେ ପୀଠର ସମସ୍ୟା ସମାଧାନ ହେବ କିନ୍ତୁ ଲୋକଙ୍କ ସରକାର କେବଳ ବିଜ୍ଞାପନରେ ସୀମିତ ବୋଲି ପ୍ରମାଣିତ ହୋଇଛି । ମନ୍ଦିର ପରିସରରେ ପାଣି ସମସ୍ୟା ଦୂର କରିବା ପାଇଁ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି । ବିଶୁଦ୍ଧ ପାଣି ଯୋଗାଇବା ପାଇଁ ପୀଠରେ ୮ଟି ସିଂଟେକ୍ସ ତଥା ପ୍ଲାଷ୍ଟିକ୍ ପାଣି ଟାଙ୍କି ପାଇଁ ଅର୍ଥ ବରାଦ କରାଯାଇଛି । ପୀଠରେ ସବୁଆଡେ ପାଣି ପାଇପ୍ ବିଛା ଯାଇଛି । ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇଛି କିନ୍ତୁ ପାଇପ ଲାଗିନି । ସେହିପରି ମନ୍ଦିର ପାହାଚରେ ଧାଡି ଦର୍ଶନ ଶ୍ରଦ୍ଧାଳୁଙ୍କ ପାଇଁ ପାଣି ଟେପ ସହିତ ଗ୍ଲାସ ବ୍ୟବସ୍ଥା କରାଯାଇଛି କିନ୍ତୁ ସେଥିରୁ ପାଣି ଆସୁନି । ମନ୍ଦିର ପାଦ ଦେଶରେ କେବଳ ଗୋଟିଏ ଷ୍ଟାଣ୍ଡ ପୋଷ୍ଟରୁ ପାଣି ଆସୁଛି କିନ୍ତୁ ଅଳ୍ପ ସମୟ ପରେ ସେ ମଧ୍ୟ ବନ୍ଦ ହୋଇଯାଉଛି ବୋଲି ଅଭିଯୋଗ ହୋଇଛି । ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଭିନ୍ନ ଯୋଜନାରେ ପ୍ରସ୍ତୁତ କରି କାର୍ଯ୍ୟକାରୀ କରୁଥିବା ବେଳେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସୂଚନା ଥାଉକି, ଗୁପ୍ତେଶ୍ୱର ପୀଠର ଉନ୍ନତି କରଣ ପାଇଁ ତତ୍କାଳୀନ ବିଜେଡି ସରକାର ତରଫରୁ ୨୦ କୋଟି ଟଙ୍କା ମଞ୍ଜୁରୀ କରାଯାଇଛି । ଏ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟ କରଣ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନି କ୍ଷ ହେଲେ ବଦଳୁଛି ସମୟ, ବଦଳୁଛି ସରକାର , ହେଲେ ବଦଳୁନି ସମସ୍ୟା । ଯାହାକୁ ନେଇ ବଢୁଛି ଅସନ୍ତୋଷ । ଏଠାରେ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ପୀଠରେ ପାଣି ମୁନ୍ଦାଏ ବି ମିଳୁନି ବୋଲି କେରଳ ପର୍ଯ୍ୟଟକ ବିଜୁ ଭାଇ, ସୁନାବେଡାରୁ ଆସିଥିବା ଶ୍ରଦ୍ଧାଳୁ ପ୍ରଭାକର ମହାରଣା, ସ୍ଥାନୀୟ ବାସିନ୍ଦା ରଞ୍ଜନ କୁମାର ଦାସ, ଗେଲ ପ୍ରଧାନୀ, ନରେଶ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି । ଏନେଇ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ଏସଡିଓ ଅକ୍ଷୟ ପଟ୍ଟନାୟକଙ୍କୁ ପଚାରିବାରୁ ସେ ଅତି ଶୀଘ୍ର ପୀଠରେ ପାଣି ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି । ପାଣି ସମସ୍ୟା କେବେ ସମାଧାନ ହେବ ତାହାକୁ ଅପେକ୍ଷା । ତେଣୁ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଜିଲାବାସୀ ଦାବି କରିଛନ୍ତି ।

# 'ବିକଶିତ ଓଡ଼ିଶା- ୨୦୩୬ ପାଇଁ ମା' ଗୃହର ଭୂମିକା' ଶୀର୍ଷକ ଆଲୋଚନା

କନ୍ଧମାଳ : (ହି.ସ.) – ବିକଶିତ ଭାରତ ପରିପ୍ରେକ୍ଷୀରେ ୨୦୩୬ ମସିହାରେ ବିକଶିତ ଓଡ଼ିଶା ଗଠନ ନିମନ୍ତେ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ ଥିବାବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳଗୁଡ଼ିକରେ ଗର୍ଭବତୀଙ୍କ କ୍ଷେତ୍ରରେ ରକ୍ତହୀନତା କମାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢ଼ାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା' ଗୃହ ସ୍ଥାପନ କରାଯାଇଛି । ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' କନ୍ଧମାଳଙ୍କ ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଟିକାବାଲି ବ୍ଲକର ଛତିଝାର ଠାରେ ଏକ ମା' ଗୃହ ପରିଚାଳିତ ହୋଇଆସୁଛି । ଏହି ମା ଗୃହ ଆଜି ତା'ର ଷଷ୍ଠ ବାର୍ଷିକ ପାଳନ କରି ବିକଶିତ ଓଡ଼ିଶା ୨୦୩୬ ପାଇଁ ମା' ଗୃହର ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଆୟୋଜନ କରିଥିଲେ । ଏହି ଆଲୋଚନାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଟିକାବାଲିର ଶିଶୁବିକାଶ ଅଧିକାରୀ ସୁନିତାରାଣୀ ଦାସ ଉପସ୍ଥିତ ରହି ୨୦୩୬ ମସିହାରେ ବିକଶିତ ଓଡ଼ିଶା ଦେଖିବା ପାଇଁ ହେଲେ ସମସ୍ତ ପରିବାରର ସମସ୍ତ ବ୍ୟକ୍ତି ସ୍ୱାସ୍ଥ୍ୟ ଓ ପୋଷଣ ସେବା ପାଇବାର ଆବଶ୍ୟକତା ଅଛି ବୋଲି କହିବା ସହିତ ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡ଼ିର ସ୍ୱାସ୍ଥ୍ୟସେବିକା/ ସେବକମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ । ଏଥିସହିତ ଟିକାବଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠି ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜ୍ୟୋତିରଞ୍ଜନ ଜେନା ଯୋଗଦେଇ ମା' ଗୃହ ପ୍ରତିଷ୍ଠାରେ ସରକାରଙ୍କ ଲକ୍ଷ୍ୟ ଓ ଉଦେଶ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇ ଥିଲେ ଓ ଅଧିକରୁ ଅଧିକ ଗର୍ଭବତି ମହିଳା ଏହି ସେବା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଯୋଗଦେଇ ଗ୍ରାମାଂଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଗର୍ଭାବସ୍ଥାରେ ବିଭିନ୍ନ ସୁଷମ ଆହାର ସେବନ କରିବା ସହ ଉପଯୁକ୍ତ ବିଶ୍ରାମ ନେବା ଓ ଅନୁଷ୍ଠାନରେ ପ୍ରସବ କରାଇବାକୁ ସଠିକ୍ ସମୟ ପୁର୍ବରୁ ମା' ଗୃହରେ ଅବସ୍ଥାପିତ ହେବାକୁ ଅନୁରୋଧ କରିଥିଲେ । ସ୍ୱାତୀ ଅନୁଷ୍ଠାନର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାଣ୍ଡିଆରୁ ମିଳୁଥିବା ପୋଷଣ କିପରି ଗର୍ଭବତୀ ଓ ପ୍ରସୂତିଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ସେ ବିଷୟରେ ବୁଝାଇଥିଲେ ଓ ରକ୍ତହୀନତାକୁ ଦୂରେଇବା ପାଇଁ ସନ୍ତୁଳିତ ଆହାର ଖାଇବା ସହ ଦୁଇଟି ସନ୍ତାନ ମଧ୍ୟରେ ଅନ୍ୟୁନ ତିନିବର୍ଷର ଅନ୍ତର ରଖିବାକୁ ଆହ୍ୱାନ ଦେଇଥିଲେ । ତାଙ୍କର କହିବା ଅନୁଯାୟୀ ଆଜିପର୍ଯ୍ୟନ୍ତ ଏହି ଟିକାବାଲି ମା ଗୃହରେ ଆଡ଼୍ମିଶନ୍ ନେଇ ୨୧୧୨ ଜଣ ଗର୍ଭବତୀ ସେବା ପାଇଛନ୍ତି । ସେବା ପାଇଥିବା ମା'ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତଙ୍କୁ ସାଧୁବାଦ ଦେଇ ଅନ୍ୟ ମା'ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ । ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠି କାର୍ଯ୍ୟକ୍ରମ ପରିଚାଳକ ରଶ୍ମିରଞ୍ଜନ ତ୍ରିପାଠୀ, ପି.ଏଚ୍.ଇ.ଓ. ରକ୍ତିମା ପ୍ରଧାନ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଟିକାବାଲି ରୁନୁମା କହଁର, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ପାବୁରିଆ ଅଞ୍ଜଳି ଦିଗାଲ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଟିକାବାଲିର ମହିଳା ପରିଦର୍ଶିକା ମଞ୍ଜୁଲତା ବେହେରା ଓ ମମତା ଦେଇ ଉପସ୍ଥିତ ରହି ଆନୁଷ୍ଠାନିକ ପ୍ରସବକୁ ବଢ଼ାଇବା ପାଇଁ ହେଲେ ଲୋକ ଭାଗିଦାରିତାର ଯଥେଷ୍ଟ ଆବଶ୍ୟକତା ଅଛିବୋଲି କହିଥିଲେ । ଅନୁଷ୍ଠାନ ତରଫରୁ ବରିଷ୍ଠ କର୍ମୀ ଗିରିଶ ଚନ୍ଦ୍ର ସାମଲ ସଭା ପରିଚାଳନା କରିଥିବା ବେଳେ ରାମେଶ୍ୱରୀ ଦିଗାଲ, ସୁନେମିୟା ଦିଗାଲ, ସ୍ନେହଲତା ପ୍ରଧାନ, ନିରୁପମା ନାୟକ, ସସ୍ମିତା ବେହେରା, ଶିବାନୀ କହଁର ଓ ସ୍ୱାତୀ ଶ୍ରୀ ଅନ୍ନ ପ୍ରକଳ୍ପ କର୍ମୀ କୁସ ସାନସେଠ୍ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଆଶା ଓ ଅଙ୍ଗନଓ୍ୱାଡ଼ୀ କର୍ମୀ, ମହିଳା/ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ପ୍ରସୂତି ଓ ଗର୍ଭବତୀ ଉପସ୍ଥିତ ଥିଲେ ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ବିଏଡ୍ କର୍ମଶାଳା ଉଦ୍‌ଯାପିତ

ଜୟପୁର :(ହି.ସ.)- ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ପରିସରରେ ବାର ଦିନିଆ ବିଏଡ୍ କର୍ମଶାଳା ବିଶ୍ୱବିଦ୍ୟାଳୟର ଇଗ୍ନୁ ବିଏଡ୍ ସଂଯୋଜକ ତଥା ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ଡ଼ ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ କର୍ମଶାଳାରେ ଯାହା ଶିଖିଲେ ସେଗୁଡିକ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ କରିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ରହି ବାର ଦିନ ଧରି ଚାଲିଥିବା କର୍ମଶାଳାର ରୂପରେଖ ଓ ପ୍ରଶିକ୍ଷାର୍ଥୀମାନଙ୍କ ଅନୁଭୂତି ଶୁଣି ଖୁସି ବ୍ୟକ୍ତ କରିବା ସହ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ମିନି ଓଡିଶା ସହ ପଡୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଯୋଗ୍ୟ ପ୍ରତିନିଧି ଭାବରେ ଅଭିହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଇଗ୍ନୁ ଆଂଚଳିକ ନିର୍ଦ୍ଦେଶାଳୟର ଆଂଚଳିକ ନିର୍ଦ୍ଦେଶିକା ଡଃ. ଲତିକା ମିଶ୍ର କର୍ମଶାଳାର ସଫଳତା ସମ୍ବନ୍ଧରେ ସନ୍ତୋଷ ପ୍ରକାଶ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଡ଼ ଉଜ୍ଜ୍ୱଳ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଏଡ ପ୍ରଶିକ୍ଷାର୍ଥୀଙ୍କୁ ପରୀକ୍ଷା ସମ୍ବନ୍ଧରେ ବିଭିନ୍ନ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ଓଡିଶାର ୨୦ଟି ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ୫ ଜଣ ପ୍ରଶିକ୍ଷାର୍ଥୀ ସମେତ ୫୬ ଜଣ ପ୍ରଶିକ୍ଷାର୍ଥୀ ବାର ଦିନ ଧରି ଶିକ୍ଷକ ଶିକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇଥିଲେ । ଶ୍ରୀଜଗନ୍ନାଥଙ୍କ କରକମଳରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିବା ଉଦଯାପନୀ ଅଧିବେଶନରେ ସହକାରୀ ପ୍ରଫେସର ସୁଶ୍ରୀ ଅନୀତା ପଟ୍ଟନାୟକ, ଶ୍ରୀମତୀ ଅନୁପମା ମିଶ୍ର, ୟପ୍ରତ୍ ପାଣ୍ଡେ, ବନ୍ଦନା ମହାରଣା, ଶୁଭଶ୍ରୀ ପଟ୍ଟନାୟକ,ସୁଜାତା ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ । ବାର ଦିବସୀୟ କର୍ମଶାଳାରେ ୧୨ ଜଣ ସମ୍ବଳ ଶିକ୍ଷକ ୯୨ଟି ଅଧିବେଶନ ନେଇଥିଲେ । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପାରାଦୀପ ବନ୍ଦର ନିଷିଦ୍ଧାଂଚଳ ଦୁର୍ଘଟଣାରେ ମୃତ ଆଇପିଟି ଡ୍ରାଇଭରଙ୍କୁ ମିଳିଲା କ୍ଷତିପୂରଣ



ପାରାଦୀପ (ନି.ପ୍ର.)- ପାରାଦୀପ ବନ୍ଦର ସିକ୍ୟୁ-୧ ବର୍ଥରେ ଶନିବାର ଦିନ ଏକ ଜାହାଜରେ ଲୁହାପଥର ଲୋଡିଂ ସମୟରେ କ୍ରେନ ବକେଟରୁ ଲୁହାପଥର ଏକ ଡମ୍ଫର ଉପରେ ପଡିଯିବାରୁ ଘଟଣା ସ୍ଥଳରେ ଆଇପିଟି ଡ୍ରାଇଭର ସରୋଜ ଖିଲାର (୩୭) ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଡ୍ରାଇଭର ଜଣକ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘର ସଭ୍ୟ ଅଟନ୍ତି କ୍ଷ ବନ୍ଦରାଂଚଳ ଭିତରେ ଡମ୍ଫର ଚଳାଉଥିବା ସଂଖ୍ୟାଧିକ ଡ୍ରାଇଭର ପ୍ରକାଶ ଙ୍କ ସଂଘରେ ସଭ୍ୟ ଥିବାରୁ ସମସ୍ତ ଡ୍ରାଇଭର ମାନେ ଗାଡି ଚଳାଚଳ ବନ୍ଦ କରି ଦୁର୍ଘଟଣା ସ୍ଥଳରେ ଏକାଠି ହୋଇଯିବାରୁ ସେଠାରେ ଉତେଜନା ସୃଷ୍ଟି ହୋଇଥିଲା କ୍ଷ ତେବେ ଘଟଣାର କିଛି ସମୟ ପରେ ସେଠାରେ ପୋଲିସ ପହଂଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା କ୍ଷ ଏହାପରେ ଅପରାହ୍ନ ୩ ଟା ସମୟରେ ପାରାଦୀପ ଆଦର୍ଶ ଥାନାରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଓ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେ ଙ୍କ ଉପସ୍ଥିତିରେ ତୁରନ୍ତ ଏକ ବୈଠକ ଡକାଯାଇଥିଲା କ୍ଷ ଏଥିରେ ପାରାଦୀପ ଆଦର୍ଶ ଥାନା ଆଇଆଇସି ବବିତା ଦେହୁରୀ, ପାରାଦୀପ ବନ୍ଦର ସିନିୟର ଡିଟିଏମ ଅକ୍ଷୟ କୁମାର ସାହୁ, ପାରାଦୀପ ପୋର୍ଟ ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା ଓ ଉପସଭାପତି ସୁବ୍ରତ କୁମାର ପ୍ରଧାନ, ଡମ୍ଫର ମାଲିକ ସଂଘର ସଭାପତି ବିଜୟ କୁମାର ନାୟକ, ଲିବର୍ଟି ମେରାଇନ ର ଅଧିକାରୀ, ଓଏସଏଲ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ କ୍ଷ ଶେଷରେ ସର୍ବସମ୍ମତି ନିଷ୍ପତି କ୍ରମେ ମୃତ ଡ୍ରାଇଭର ର ପରିବାରକୁ ୪୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିଲା କ୍ଷ ତେବେ ଏଭଳି ଐତିହାସିକ ନିଷ୍ପତି ପାଇଁ ଡ୍ରାଇଭର ଭଗବାନ ବିଶ୍ୱାଳ, ବାମଦେବ ନାୟକ, ବିଭୁ ପ୍ରସାଦ ବେହେରା,ତୋଫାନ ସାହୁ ପ୍ରମୁଖ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି କ୍ଷ ସୂଚନାଥାଉକି ପାରାଦୀପ ବନ୍ଦର ନିଷିଦ୍ଧାଂଚଳରେ ଆଇପିଟି ଡ୍ରାଇଭର ମୃତ୍ୟୁ ଘଟଣାରେ ଏହା ସବୁଠାରୁ ବଡ ଅନୁକମ୍ପା ମୂଳକ ଆର୍ଥିକ ସହାୟତା ।

# ଲୋକଙ୍କୁ ହାଣି ଲୁଟୁଥିବା ଗ୍ୟାଙ୍ଗ ଠାବ: ୪ଗିରଫ, ସୁନା,ଟଙ୍କା ଜବତ



କେନ୍ଦ୍ରାପଡ଼ା, :ସଦରଥାନା ଅ□ଳର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଆକ୍ରମଣ କରି ଲୁଟୁଥିବା ଏକ ଗ୍ୟାଙ୍ଗକୁ ସଦରଥାନା ପୋଲିସ ଠାବ କରିଛି । ଏହି ଗ୍ୟାଙ୍ଗରେ ସଂପୃକ୍ତ ଥିବା ୪ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଡେରାବିଶ ଥାନା ଅନ୍ତର୍ଗତ ଭୂଇଁପୁର ଗ୍ରାମର ଅଭିରାମ ମଳିକଙ୍କ ପୁଅ ମକରା ମଳିକ(୩୦), ମକରାର ଭାଉଜ ସେହିଗ୍ରାମର ତରୁଣ କୁମାର ନାୟକଙ୍କ ପତ୍ନୀ ସୌଦାମିନୀ ନାୟକ(୨୫), ଗ୍ୟାଙ୍ଗ ସଦସ୍ୟ ସଦରଥାନା ଅଧିନ ମନ୍ତ୍ରୀପଡା ଗ୍ରାମର ରବିନ୍ଦ୍ର ସିଂଙ୍କ ପୁଅ ଘଟିଆ ସିଂ(୨୬) ଓ ଚୋରା ସୁନା କିଣିଥିବା ସୁନା ଦୋକାନୀ ବାଲିକୁଦା ଗ୍ରାମର ତଥା ବର୍ତମାନ ରହୁଥିବା ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧିନ ବାଲିଚନ୍ଦ୍ରପୁରର ନଟ ସାହୁଙ୍କ ପୁଅ ସତ୍ୟବ୍ରତ ସାହୁ(୪୬) । ଅଭିଯୁକ୍ତମାନଙ୍କ ଠାରୁ ନଗଦ ୩୦ହଜାର ଟଙ୍କା, ୧୨.୭ଗ୍ରାମ ତରଳାସୁନା, ୧୮.୨ଗ୍ରାମର ତରଳ ରୁପା, ୩.୦୫ଗ୍ରାମର ଏକ ମଙ୍ଗଳସୂତ୍ର, ନମ୍ବର ପ୍ଲେଟ ନଥିବା ଏକ ବାଜାଜ ପଲସର ବାଇକ, ଗୋଟିଏ ବଡ ଛୁରୀ, ଗୋଟିଏ ଲୁହା ହୁକ ଓ ୪ଟି ମୋବାଇଲ ଫୋନ ଜବତ ହୋଇଛି । ମକରା ଓ ତା ଗ୍ୟାଙ୍ଗର ସଦସ୍ୟମାନେ ସୁନାଗହଣା ଲୁଟିବା ପରେ ସୁନା ଦୋକାନୀ ସତ୍ୟବ୍ରତକୁ ବିକ୍ରୀ କରୁଥିଲେ । ସତ୍ୟବ୍ରତ ପ୍ରମାଣ ନଷ୍ଟ କରିବା ପାଇଁ ସୁନାଗହଣାକୁ ତରଳାଇ ଦେଉଥିଲେ । ମକରା ଗ୍ୟାଙ୍ଗ ନାମରେ ମାର୍ଶାଘାଇ ଥାନା, ଡେରାବିଶ ଥାନା, ପଟ୍ଟାମୁଣ୍ଡାଇ ଥାନା, କେନ୍ଦ୍ରାପଡା ସଦର ଥାନା ଓ ନିଶ୍ଚିନ୍ତକୋଇଲି ଥାନାରେ ୧୦ରୁ ଉର୍ଦ୍ଧ୍ୱ ମାମଲା ପୂର୍ବରୁ ରହିଛି । ନିକଟରେ ମକରା ଗ୍ୟାଙ୍ଗ ସଦସ୍ୟମାନେ ଚାନ୍ଦୋଳ ନିକଟରେ ଏକ ବାଇକରେ ଶଶୁର ଓ ବୋହୂ ଯାଉଥିବା ବେଳେ ଛୁରୀମାଡ କରି ସୁନାଗହଣା ଲୁଟି ନେଇଥିଲେ । ସେହିପରି କେନ୍ଦ୍ରାପଡା ସହରରୁ ଫେରୁଥିବା ବେଳେ ଶ୍ୟାମସୁନ୍ଦରପୁର ଗଡା ନିକଟରେ ଏକ ଦମ୍ପତିଙ୍କ ଠାରୁ ସୁନାହାର ଲୁଟିନେଇଥିଲେ । ମକରା ଗ୍ୟାଙ୍ଗ ଏହିଭଳି ଆତଙ୍କ ସୃଷ୍ଟି କରି ଫେରାର ହୋଇଯାଇଥିବାରୁ ତାକୁ ଧରିବା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥିଲା । ଏହି ଗ୍ୟାଙ୍ଗକୁ ଧରିବା ପାଇଁ ଏସପି ସିଦ୍ଧାର୍ଥ କଟାରିଆ ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିଲେ । ଥାନା ଅଧିକାରୀ ୫ରାତି ଅନିଦ୍ରା ହୋଇ ତାଙ୍କ ଟିମ ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ଗ୍ୟାଙ୍ଗକୁ ଠାବ କରିଥିଲେ । ଆଜି ସେହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ମକରା ମଳିକ, ଗ୍ୟାଙ୍ଗ ସଦସ୍ୟ ଘଟିଆ ସିଂ ଓ ସୌଦାମିନୀ ନାୟକ ଏବଂ ସୁନା ଦୋକାନୀ ସତ୍ୟବ୍ରତ ସାହୁଙ୍କୁ ସଦର ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ରାଜେଶ ଜେନା ଓରଫ କାଳିଆ ଫେରାର ହୋଇଯାଇଥିବା ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି ।

# କାର୍ଯ୍ୟରତ ଅଧିକାରୀଙ୍କ ବଦଳି ନହେବା କାହା ସ୍ୱାର୍ଥରେ

ମାଲକାନଗିରି, (ହି.ସ.)- ରାଜ୍ୟ ସରକାର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ସ୍ୱଚ୍ଛ ଓ ସମାନ ବଦଳି ନୀତି ପ୍ରଣୟନ କରିଥିବା ବେଳେ ମାଲକାନଗିରି ଜିଲ୍ଲାର ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପରେ ଜଣେ ଅଧିକାରୀ ଦୀର୍ଘ ୧୩ ବର୍ଷ ଧରି କାର୍ଯ୍ୟରତ ଥିବା ଘଟଣାକୁ ନେଇ ବର୍ତମାନ ପ୍ରଶ୍ନ ଉଠିଛି ।ସୂଚନା ଅନୁଯାୟୀ, ବାଲିମେଳା ଜଳବିଦ୍ୟୁତ ପ୍ରକଳ୍ପର ମାନବ ସମ୍ବଳ ଅଧିକାରି (ଏଚଆରଡି) ଦୁର୍ଗା ପ୍ରସାଦ ନାୟକ ୨୮ ଜାନୁଆରୀ ୨୦୧୩ ଠାରୁ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରରେ କାର୍ଯ୍ୟ କରିଆସୁଛନ୍ତି । ଓଏଚପିସି ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଅଫିସ ଆଦେଶ ସଂଖ୍ୟା ୧୧୨/୨୦୧୫/୪୬୦୨, ତାରିଖ ୦୪/୦୫/୨୦୧୬ ଅନୁଯାୟୀ ଶ୍ରୀ ନାୟକଙ୍କୁ ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପ (ବିଏଚଇପି) ରୁ ରେଙ୍ଗାଲି ଜଳବିଦ୍ୟୁତ ପ୍ରକଳ୍ପ (ଆରଏଚଇପି)କୁ ୧୦.୦୪.୨୦୧୬ ରେ କେବଳ ଅସ୍ଥାୟୀ ଡେପୁଟେସନରେ ପଠାଯାଇଥିଲା । ଏହି ଆଦେଶରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ରେଙ୍ଗାଳି ପ୍ରକଳ୍ପର ସହକାରୀ ପରିଚାଳକ (ଏଚଆରଡି) ପ୍ରିୟଙ୍କା ବର୍ଦ୍ଧନଙ୍କ ଛୁଟି ଅବଧି ପର୍ଯ୍ୟନ୍ତ ଶ୍ରୀ ନାୟକଙ୍କୁ ସେଠାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଥିଲା । ଏଠାରେ ମୁଖତଃ ପ୍ରଶ୍ନ ଉଠୁଛି ଯେ, ସେ ଯେତେବେଳେ ଡେପୁଟେସନରେ ରେଙ୍ଗାଲି ଯାଇଥିଲେ ସେଠାରେ ସେ ରହୁଥିଲେ କେଉଁଠି । ଯେହେତୁ ବାଲିମେଳାରେ ତାଙ୍କ ନାମରେ କ୍ୱାର୍ଟର ମିଳିଥିଲା ତେବେ ତାଙ୍କୁ ରେଙ୍ଗାଲିରେ କ୍ୱାର୍ଟର ମିଳିଥିଲା ନା ଅନ୍ୟ କେଉଁଠି ରହୁଥିଲେ । ଯେଉଁଠି ବି ରହିଥିଲେ ସେଠାରେ ତା'ର ବକେୟା ବିଲ୍ ପଇଠ କରିଛନ୍ତି କି । ରେଙ୍ଗାଲିରେ କାର୍ଯ୍ୟରତ ସମୟରେ କୌଣସି ଏକ ଭୁଲ୍ ପାଇଁ ଲୋକମାନେ ତାଙ୍କୁ ମାଡ ମାରିଥିବା ମଧ୍ୟ ଜଣାପଡ଼ିଛି । ଏବଂ ପରବର୍ତୀ ସମୟରେ ସେ ପୁଣି ୦୯.୦୫.୨୦୧୮ରେ ବାଲିମେଳା ପ୍ରକଳ୍ପକୁ ଫେରି ଆସିଥିଲେ । ଏବଂ ବର୍ତମାନ ପର୍ଯ୍ୟନ୍ତ ଏହି ଜଳ ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟରତ ଅଛନ୍ତି । ଏହା ଫଳରେ ୨୦୧୩ ମସିହାରୁ ୨୦୨୬ ପର୍ଯ୍ୟନ୍ତ ପ୍ରାୟ ୧୩ ବର୍ଷ ଧରି ସେ ଗୋଟିଏ ଜଳ ବିଦ୍ୟୁତ ପ୍ରକଳ୍ପ ଏବଂ ଗୋଟିଏ ଜିଲ୍ଲାରେ ହିଁ କାର୍ଯ୍ୟ କରୁଥିବା ଜଣାପଡ଼ିଛି । ବର୍ତମାନ ଓଡ଼ିଶା ସରକାର ଚଳିତ ମାସ ୨୨ ତାରିଖରେ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ପତ୍ର ଜାରି ହୋଇଥିବା ସମନ୍ୱିତ ବଦଳି ନୀତି ଅନୁଯାୟୀ ଅଧିକାରୀମାନଙ୍କୁ ସାଧାରଣତଃ ୩ ବର୍ଷ ପରେ ବଦଳି କରାଯିବା ଉଚିତ ଏବଂ କୌଣସି ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ ରହିବାକୁ ଅନୁମତି ନଥିବା ନିୟମାବଳୀ ଜାରି କରାଯାଇଛି । ଏପରି ସ୍ଥିତିରେ ବାଲିମେଳା ପ୍ରକଳ୍ପରେ ଦୀର୍ଘ ୧୩ ବର୍ଷ ଧରି ଜଣେ ଅଧିକାରୀଙ୍କ କାର୍ଯ୍ୟକାଳ କିପରି ଜାରି ରହିଛି ଏବଂ ଏହି କାର୍ଯ୍ୟକାଳ ମଧ୍ୟରେ ସେ କେତେ କ'ଣ କେଳେଙ୍କାରୀ କରିଛନ୍ତି ତାହାର ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି । ବାଲିମେଳା ବାସୀଙ୍କ ମତ ଅନୁଯାୟୀ, ଏହି ଦୀର୍ଘ ୧୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ପଇସା ନେଇ କ୍ୱାର୍ଟର ଦ୍ୱୋ, ଓଏଚପିସିରେ କାର୍ଯ୍ୟରତ ଠିକା ନିଯୁକ୍ତିରେ ଓଏଚପିସିର ପୂର୍ବତନ ଏସଜିଏମ୍ ଶ୍ରୀ ସ୍ୱାଇଁ ଏବଂ ଦୁର୍ଗା ପ୍ରସାଦ ନାୟକଙ୍କ ମିଳିତ ସହ ଭାଗିତାରେ ୧ ଲକ୍ଷରୁ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ଲାଂଚ ନେଇ ନିଯୁକ୍ତି ଦେବାର ସାଧାରଣରେ ଚର୍ଚ୍ଚା ହେଉଛି । ଏହି ବିଷୟ ନେଇ ଶ୍ରୀ ଦୁର୍ଗାଙ୍କୁ ପଚାରିଲେ ମୋର କେହି କିଛି କରିପାରିବେ ନାହିଁ ବୋଲି କହୁଛନ୍ତି ଏବଂ ଏହାର ଜ୍ୱଳନ୍ତ ଉଦାହରଣ ହେଲା ବାଲିମେଳାରେ ରହିଥିବା ୩ଟି କର୍ମଚାରୀ ସଂଘ ତାଙ୍କ ବିରୁଦ୍ଧରେ ଭୁବନେଶ୍ୱରରେ ରହୁଥିବା ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଖରେ ଅଭିଯୋଗ କରିବା ସହ ବଦଳି ପାଇଁ ଜଣାଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ । ତେଣୁ ଏହା ପ୍ରମାଣିତ ହୋଇଛି ଯେ, ଦୁର୍ଗା ନାୟକଙ୍କ କହିବା ଅନୁଯାଇ ତାଙ୍କର ହାତ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବା ଯୋଗୁ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ପ୍ରମାଣିତ ହେଉଛି । କାହା ସ୍ୱାର୍ଥରେ କାହା ଇଙ୍ଗିତରେ ଜଣେ ସରକାରଙ୍କ ନିୟମକୁ ଖୁଲମ ଖୋଲା ଚ୍ୟାଲେଞ୍ଜ କରି ବଦଳି ନୀତିର ନିୟମକୁ ଉଲ୍ଲଘଂନ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

ସରକାରୀ ନିୟମ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ କ୍ଷେତ୍ରରେ ସମାନ ଭାବରେ ପ୍ରଯୁଜ୍ୟ ହେବା ଦରକାର ବୋଲି ମତ ପ୍ରକାଶ ପାଇଥିବା ବେଳେ ଓଏଚପିସି କର୍ତୃପକ୍ଷ ଏ ପ୍ରସଙ୍ଗରେ କୌଣସି ସ୍ପଷ୍ଟୀକରଣ ଦେବେ କି ନାହିଁ ତାହାକୁ ନେଇ ଉତ୍ସୁକତା ବଢ଼ିଛି । ସ୍ଥାନୀୟ ମହଲର ଅଭିଯୋଗ ହେଉଛି ଯେ ସରକାରୀ ନୀତି ଓ ନିୟମ ସାଧାରଣ କର୍ମଚାରୀଙ୍କ ପାଇଁ କଠୋର ଭାବେ ପାଳନ କରାଯାଉଥିବା ବେଳେ କେତେକ ପ୍ରଭାବଶାଳୀ ଅଧିକାରୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଉଛି । ତେବେ ତୁରନ୍ତ ଏହି ଅଧିକାରୀଙ୍କ ବଦଳି କରିବାକୁ ସାଧାରଣରେ ଦାବି ହେଉଛି ।

# ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉପଖଣ୍ଡ ପ୍ରଶାସନର ପଦକ୍ଷେପ

ଜୟପୁର,(ହି.ସ.)- ଜୟପୁର ସହରରେ ଟ୍ରାଫିକ ସମସ୍ୟା ସମାଧାନ ନେଇ ପଦକ୍ଷେପ ନେବା ସହ ଟ୍ରାଫିକ ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପ ଜିଲ୍ଲାପାଳ ଯଦୁମଣି ନାୟକ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ ଦ୍ୱାରା ବାରମ୍ବାର ଚେତାବନୀ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପଦକ୍ଷେପ ସତ୍ୱେ ଜୟପୁର ସହରର ପାରାବେଡା ଏବଂ ପୁରୁଣା ବସଷ୍ଟାଣ୍ଡ, ସଂଲଗ୍ନ ଅଂଚଳରେ ଯାତ୍ରୀବାହୀ ବସ୍ ଗୁଡ଼ିକର ଅନଧିକୃତ ପାର୍କିଂ, କଲଟିଂ, ବୋର୍ଡିଂ ଏବଂ ଡି-ବୋର୍ଡିଂ ସମ୍ପର୍କରେ ଏକ ରିପୋର୍ଟ ପ୍ରାପ୍ତ ହୋଇଛି । ଜୟପୁର ଏସଡ଼ିପିଓ ଏକ ରିପୋର୍ଟ ଉପ ଜିଲ୍ଲା ପାଳଙ୍କୁ ପ୍ରଦାନ କରିଥିଲେ । ଉକ୍ତ ଅଂଚଳଗୁଡ଼ିକରେ ଏପରି ଅନଧିକୃତ ପାର୍କିଂ ଏବଂ ବସ୍ ପରିଚାଳନା ଗୁରୁତର ଟ୍ରାଫିକ୍ ଭିଡ଼, ଜନସାଧାରଣଙ୍କ ମୁକ୍ତ ଗତିବିଧିରେ ବାଧା, ଜନସାଧାରଣଙ୍କ ଅସୁବିଧା, ମାନବ ଜୀବନ ଏବଂ ସୁରକ୍ଷା ପ୍ରତି ବିପଦ ଏବଂ ଜନସାଧାରଣଙ୍କ ଶୃଙ୍ଖଳା ଏବଂ ଶାନ୍ତି ପ୍ରତି ବ୍ୟାଘାତ ସୃଷ୍ଟି କରୁଛି କ୍ଷ ଯେଉଁଠାରେ, ଜୟପୁର ସହର ମଧ୍ୟରେ ଯାତ୍ରୀବାହୀ ବସ୍ ପାର୍କିଂ ଏବଂ ପରିଚାଳନା ପାଇଁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନୂତନ ବସଷ୍ଟାଣ୍ଡ ପ୍ରତିଷ୍ଠା ଏବଂ ନିର୍ଦ୍ଦିଷ୍ଟ କରାଯାଇଛି । ବର୍ତମାନ, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ର ଧାରା ୧୬୩ ଅନୁଯାୟୀ ଉପ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ଉପଖଣ୍ଡ ମାଜିଷ୍ଟ୍ରେଟ, ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ କେତେକ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । କୌଣସି ଘରୋଇ କିମ୍ବା ସାର୍ବଜନୀନ ଯାତ୍ରୀବାହୀ ବସ୍, ଷ୍ଟେଟ କ୍ୟାରେଜ୍ ବସ୍ ସମେତ, ପାରାବେଡା ଅଂଚଳ, ପୁରୁଣା ବସ୍ ଷ୍ଟାଣ୍ଡ ଅଂଚଳ କିମ୍ବା ଜୟପୁର ପୌରପାଳିକା ସୀମା ମଧ୍ୟରେ ସଂଲଗ୍ନ ସାର୍ବଜନୀନ ରାସ୍ତାରେ ଯାତ୍ରୀମାନଙ୍କୁ ପାର୍କିଂ, ଅଟକାଇବା, ଠିଆ କରିବା, ଚଢ଼ାଇବା କିମ୍ବା ଓହ୍ଲାଇବା ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ । ସକ୍ଷମ କର୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ । ସମସ୍ତ ବସ୍ ଅପରେଟର, ମାଲିକ, ୟୁନିଅନ୍, ଏଜେଂଟ ଏବଂ ଡ୍ରାଇଭରମାନେ ବାଧ୍ୟତାମୂଳକ ଭାବରେ କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କର ବସ୍ ପରିଚାଳନା ଏବଂ ପାର୍କିଂ କରିବେ । ନୂତନ ବସ୍ ଷ୍ଟାଣ୍ଡ, ଜୟପୁର । କୌଣସି ବ୍ୟକ୍ତି ପାରାବେଡା ଏବଂ ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ରାସ୍ତାପାର୍ଶ୍ୱ ଅଂଚଳ, ସାର୍ବଜନୀନ ରାସ୍ତା କିମ୍ବା ଅନଧିକୃତ ଖୋଲା ସ୍ଥାନକୁ ଯାତ୍ରୀବାହୀ ବସ୍ ପାର୍କିଂ, ଅଟକାଇବା କିମ୍ବା ପରିଚାଳନା ପାଇଁ ବ୍ୟବହାର କରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି । ସେହିପରି ଜୟପୁର ପୋଲିସ ଷ୍ଟେସନର ଇନଚାର୍ଜ ଇନ୍ସପେକ୍ଟର, ଟ୍ରାଫିକ ପୋଲିସ କର୍ମଚାରୀ ଏବଂ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କୁ ଏହି ଆଦେଶକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ଏବଂ ଆଇନ ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।. ଏହି ଆଦେଶକୁ ଉଲ୍ଲଂଘନ କରୁଥିବା ଯେକୌଣସି ବ୍ୟକ୍ତି ଆଇନର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥା ସହିତ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ର ଧାରା ୨୨୩ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ ।ପରିସ୍ଥିତିର ଉକ୍ଟ ପ୍ରକୃତି ଏବଂ ନିରନ୍ତର ସାର୍ବଜନୀନ ଉପଦ୍ରବ, ଟ୍ରାଫିକ ଭିଡ଼ ଏବଂ ସାର୍ବଜନୀନ ଶାନ୍ତି ଭଙ୍ଗ ହେବାର ସମ୍ଭାବନାକୁ ବିଚାର କରି, ସାର୍ବଜନୀନ ସୁରକ୍ଷା ଏବଂ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପାଇଁ ଏହି ଆଦେଶ ଏକପାଖିଆ ଭାବରେ ପାସ୍ କରାଯାଇଛି ।ଏହି ଆଦେଶ ସାର୍ବଜନୀନ ଘୋଷଣା, ନୋଟିସ ବୋର୍ଡ ପ୍ରକାଶନ ଏବଂ ବ୍ୟାପକ ସାର୍ବଜନୀନ ସୂଚନା ପାଇଁ ଉପଯୁକ୍ତ ବିବେଚିତ ଅନ୍ୟାନ୍ୟ ପଦ୍ଧତି ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି ।ଏହି ଆଦେଶ ତୁରନ୍ତ ପ୍ରଭାବରୁ ବଳବତର ହେବ ଏବଂ ଜାରି ତାରିଖରୁ ୬୦ ଦିନ ପର୍ଯ୍ୟନ୍ତ ବଳବତର ରହିବ ବୋଲି ଉଲ୍ଲେଖ କରାଯାଇଛି ।

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ଫୁଡ ପାର୍କ ପ୍ରତିଷ୍ଠା ନେଇ ଦାବି

ଜୟପୁର, (ହି.ସ.)- ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାସୱାନଙ୍କୁ ଚିଠି ଲେଖି ଫୁଡ ପାର୍କ ପ୍ରତିଷ୍ଠା କରିବାକୁ ଦାବି କରିଥିବାରୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି କ୍ଷ ଓଡ଼ିଶାର କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାକୁ ନେଇ ଅବିଭକ୍ତ କୋରାପୁଟ ଅଂଚଳରେ ଏକ ଜାତୀୟ ମେଗା ଫୁଡ୍ ପାର୍କ ପ୍ରତିଷ୍ଠା କରିବାକୁ ଅନୁରୋଧ କରିଛନ୍ତି । ପାତ୍ର ରାଜ୍ୟର ଅବିଭକ୍ତ କୋରାପୁଟ ଅଂଚଳର ଅପାର ଅବ୍ୟବହୃତ ଖାଦ୍ୟ ପ୍ରକ୍ରିୟାକରଣ, ଆଦିବାସୀ ଜୀବିକା ଏବଂ କୃଷି-ଶିଳ୍ପ ସମ୍ଭାବନା ପ୍ରତି କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଅଂଚଳ ଭାରତର ସବୁଠାରୁ ଅସାଧାରଣ କିନ୍ତୁ ଅନୁନ୍ନତ କୃଷି ଏବଂ ସଭ୍ୟତାଗତ ଭୂଦୃଶ୍ୟ ମଧ୍ୟରୁ ଗୋଟିଏ - ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବାଜରା ପରିବେଶ, ଆଦିବାସୀ କୃଷି ପରମ୍ପରା, ଜିଆଇ-ଟ୍ୟାଗ୍ ହୋଇଥିବା ଉତ୍ପାଦ, ଜୈବିକ କୃଷି ସମ୍ଭାବନା, ସ୍ୱଦେଶୀ ଖାଦ୍ୟ ପ୍ରଣାଳୀ ଏବଂ କୋରାପୁଟ କଫି ଏବଂ କୋରାପୁଟ କଳାଜୀରା ଚାଉଳ ଭଳି ବିଶ୍ୱ ସ୍ତରରେ ଉଦୀୟମାନ ଉତ୍ପାଦ ଏଠାରେ ଥିବା ନେଇ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।ନ୍ତଏସବୁ ଅସାଧାରଣ ଶକ୍ତି ସତ୍ୱେ, ଏହି ଅଂଚଳରେ ଏପର୍ଯ୍ୟନ୍ତ ଏକ ବୃହତ ସମନ୍ୱିତ ଖାଦ୍ୟ-ପ୍ରକ୍ରିୟାକରଣ ଏବଂ ମୂଲ୍ୟ-ସଂଯୋଜନ ଇକୋସିଷ୍ଟମର ଅଭାବ ରହିଛି, ଯାହା କୃଷି ଉତ୍କର୍ଷକୁ ସ୍ଥାୟୀ ସମୃଦ୍ଧି, ଗ୍ରାମୀଣ ଶିଳ୍ପାୟନ, ରପ୍ତାନି-ସଂଯୋଜିତ ଅଭିବୃଦ୍ଧି ଏବଂ ଜନଜାତି ଆର୍ଥିକ ସଶକ୍ତିକରଣରେ ପରିଣତ କରିପାରିବ,ନ୍ତ ବୋଲି କହିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରି, ବିଜେଡି ସାଂସଦ ଏହା ମଧ୍ୟ କହିଛନ୍ତି ଯେ, ଆଦିବାସୀ କୃଷି, ବାଜରା ଚାଷ, ସ୍ୱଦେଶୀ ଖାଦ୍ୟ ବ୍ୟବସ୍ଥା, ମହିଳା ନେତୃତ୍ୱାଧୀନ ଗ୍ରାମୀଣ ଉଦ୍ୟୋଗ ଏବଂ କୃଷକ-କେନ୍ଦ୍ରିକ ମୂଲ୍ୟସଂଯୋଜନ ଓଡ଼ିଶାର ଆକାଂକ୍ଷୀ ଅଂଚଳରେ ଦୀର୍ଘକାଳୀନ ଆର୍ଥିକ ପରିବର୍ତନ ଏବଂ ସାମାଜିକ ସଶକ୍ତିକରଣର ଉପକରଣ ହେବା ଆବଶ୍ୟକ । ଏହି ଅଂଚଳ ଆଜି ବିଶ୍ୱସନୀୟତା, ସାଂସ୍ଥାଗତିକ ଇକୋସିଷ୍ଟମ, କୃଷକ ଅଂଶଗ୍ରହଣ ଏବଂ ଏକ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବାଜରା ଏବଂ ଜନଜାତି କୃଷି-ପ୍ରକ୍ରିୟାକରଣ ହବ୍ ଭାବରେ ବିକଶିତ ହେବା ପାଇଁ ଆବଶ୍ୟକ କୃଷି ପରିଚୟ ପାଇଛି । କୋରାପୁଟ କଫିର ବର୍ଦ୍ଧିତ ବିଶ୍ୱସ୍ତରୀୟ ସ୍ୱୀକୃତି ଏବଂ କୋରାପୁଟ କଳାଜୀରା ଚାଉଳକୁ ପ୍ରଦାନ କରାଯାଇଥିବା ଜିଆଇ ମାନ୍ୟତା ଉପରେ ମଧ୍ୟ ଆଲୋକପାତ କରି କହିଛନ୍ତି ଯେ, ଏହି ବିକାଶଗୁଡ଼ିକ ଅଂଚଳର ଚାଷୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୁଯୋଗ ଖୋଲିଛି ।

# ସହକାରୀ ସୂଚନା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ (ନି.ପ୍ର.)ସୂଚନା ଓ ଲୋକ ସମ୍ପର୍କ ବିଭାଗ ରେ କାର୍ଯ୍ୟରତ ସହକାରୀ ସୂଚନା ଅଧିକାରୀ ବା ଏଆଇଓ ରାଜେନ୍ଦ୍ର କୁମାର ପାତ୍ର ସରକାରୀ କାର୍ଯ୍ୟ ରୁ ଅବସର ଗ୍ରହଣ କରିଛନ୍ତି ।ଏହି ଅବସରରେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ପାତ୍ର ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ଶ୍ରୀ ପାତ୍ର ଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶ୍ରୀ ପାତ୍ର ବିଭାଗ ପାଇଁ ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ ।ସରକାର ଓ ସରକାରୀ ଯୋଜନା ର ପ୍ରଚାର,ପ୍ରସାର କ୍ଷେତ୍ରରେ ଶ୍ରୀ ପାତ୍ର ବିଭିନ୍ନ ସ୍ଥାନରେ କାରୀ କରି ସଫଳ ହୋଇଛନ୍ତି ବୋଲି ଶ୍ରୀ ସେଠୀ କହିଥିଲେ ।ନିଜ ପ୍ରତିକ୍ରିୟା ରେ ଶ୍ରୀ ପାତ୍ର ବିଭାଗର କାର୍ଯ୍ୟ କୁ ସେ ନିଷ୍ଠା ଓ ଆନ୍ତରିକ ଭାବେ କରିଛନ୍ତି ଓ ନିଜ କାର୍ଯ୍ୟ ରେ ଆତ୍ମତୃପ୍ତି ପାଇଛନ୍ତି ବୋଲି କହିଥିଲେ ।ଏହି ସମ୍ବର୍ଦ୍ଧନା ରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ,ନିକ୍ଷେପକ ପ୍ରସନ୍ନ କୁମାର ସାହୁ, ଭଣ୍ଡାର ରକ୍ଷକ ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ସ୍ୱାଇଁ, କର୍ମଚାରୀ ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ,ଅବସରପ୍ରାପ୍ତ କର୍ମଚାରୀ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏସଆଇଆର ୨୦୨୬ ଶୁଭାରମ୍ଭ

ଜୟପୁର,(ହି.ସ.)- କୋରାପୁଟ କଫିର ମହକ ସହ ମିଶିଗଲା ଗଣତନ୍ତ୍ରର ମହକ । କୋରାପୁଟ କଫି ପରିସରରେ ଏସଭିଇଇପି ଅନ୍ତର୍ଗତ ଏସଆଇଆର ୨୦୨୬ ର ଶୁଭାରମ୍ଭ ହେଲା । ଜିଲ୍ଲାପାଳଙ୍କ ହାତରେ ଏସଆଇଆର ୨୦୨୬ ପତାକା ଉନ୍ମୋଚିତ ହେବା ସାଙ୍ଗକୁ କୋରାପୁଟ କଫିର ମହକରେ ଭାସିଲା ଭୋଟର ସଚେତନତାର ବାର୍ତା । ଜିଲ୍ଲାପାଳ କହିଲେ, ନ୍ତଯେମିତି କୋରାପୁଟ କଫି ବିନା ଭେଜାଲରେ ଶୁଦ୍ଧ, ସେମିତି ଆମ ଭୋଟର ତାଲିକା ମଧ୍ୟ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ ହେବା ଜରୁରୀ ।ନ୍ତ ବିଏଲଓ ମାନେ ନିଷ୍ଠା ଓ ନିରପେକ୍ଷତାର ସହ ଘରକୁ ଘର ଯାଇ ଯାଂଚ୍ କରିବାକୁ ଜିଲ୍ଲାପାଳ ଉପଦେଶ ଦେଇଥିଲେ । ଆଜିଠାରୁ ବିଏଲଓ ମାନେ ଘରକୁ ଘର ଯିବେ । ମୃତ, ସ୍ଥାନାନ୍ତରିତ ଓ ଦୁଇଥର ନାମ ବାଦ୍ ପଡିବ । ନୂଆ ୧୮ବର୍ଷୀୟଙ୍କ ନାମ ଯୋଡାଯିବ ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶବର, ଆଇ.ଏ.ଏସ ପ୍ରୋବେସନର ଅନୁପ ନାୟକ, ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ,ଡେପୁଟି କଲେକ୍ଟର ନିର୍ବାଚନ ତଥା ଏସଭିଇଇପି ନୋଡାଲ ଅଫିସର ମଙ୍ଗଳ ଚରଣ ବାସ୍କେ, ଆଦିବାସୀ ଉନ୍ନୟନ ସମବାୟ ନିଗମର ଶାଖା ପରିଚାଳକ ରାକେଶ ବିଶ୍ୱାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ଏବଂ ବିଏଲଓ ମାନେ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ



ଭୁବନେଶ୍ୱର: ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରିଛନ୍ତି । ଯାତ୍ରୀମାନଙ୍କ ସୁବିଧା ସୁଯୋଗ, ସୁରକ୍ଷା ବ୍ୟବସ୍ଥା, ଷ୍ଟେସନର ବିଭିନ୍ନ ସୁବିଧା, ସ୍ୱଚ୍ଛତା ଏବଂ କ୍ୟାଟେରିଂ (ଖାଦ୍ୟପେୟ) ସେବାର ସମୀକ୍ଷା ଉପରେ ଏହି ପରିଦର୍ଶନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।ଏହି ପରିଦର୍ଶନ ସମୟରେ ଶ୍ରୀ ଫୁଙ୍କୱାଲ ଷ୍ଟେସନର ବିଭିନ୍ନ ଅଂଚଳ ଯଥା- ବୁକିଂ ଅଫିସ୍, ଯାତ୍ରୀ ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ ବା ଚଳପ୍ରଚଳ ଏରିଆ (ଷ୍ଟେସନ ସମ୍ମୁଖ ଭାଗ), ଫୁଟ୍ ଓଭରବ୍ରିଜ୍, ପ୍ଲାଟଫର୍ମ ଏବଂ କ୍ୟାଟେରିଂ ୟୁନିଟ୍ ଗୁଡ଼ିକ ବୁଲି ଦେଖିଥିଲେ । ସେ ସେଠାରେ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଷ୍ଟେସନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବ□। ସମୀକ୍ଷା କରିଥିଲେ ।ମହାପ୍ରବନ୍ଧକ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା ଏବଂ ଷ୍ଟେସନ ପରିସରର ରକ୍ଷଣାବେକ୍ଷଣ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ । ଏହାସହ ସେ ଯାତ୍ରୀ ଓ କ୍ୟାଟେରିଂ ଷ୍ଟଲର କର୍ମଚାରୀମାନଙ୍କ ସହ ମଧ୍ୟ କଥା ହୋଇଥିଲେ ଏବଂ ଷ୍ଟେସନରେ ପ୍ରଦାନ କରାଯାଉଥିବା ସେବାର ମାନ ପରଖିଥିଲେ । ସ୍ୱଚ୍ଛତା, ଯାତ୍ରୀ ସୁବିଧା ଏବଂ ଗ୍ରାହକ ସନ୍ତୋଷର ଉଚ୍ଚ ମାନ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିବା ସହ ଯାତ୍ରୀମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସୁରକ୍ଷିତ, ଦକ୍ଷ ଏବଂ ଆରାମଦାୟକ ରେଳ ସେବା ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧାଗୁଡ଼ିକର ନିରନ୍ତର ଅନୁଧ୍ୟାନର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଜୋର ଦେଇଥିଲେ । ଯାତ୍ରୀ-କୈନ୍ଦ୍ରିକ ବିକାଶ ଏବଂ ସେବା କ୍ଷେତ୍ରରେ ଶ୍ରେଷ୍ଠତା ଉପରେ ବିଶେଷ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ) ଶ୍ରୀ ଡି. ସୁନୀଲ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ବିକାଶମୂଳକ ଓ ଉନ୍ନତ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।






# ଖଇରା ସେବା ସମବାୟ ସମିତିରୁ ବେଆଇନ ଗଛ କାଟିନେଲେ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଖଇରା ସେବା ସମବାୟ ସମିତି ଅଧୀନରୁ ବିନା ଅନୁମତିରେ ବେଆଇନ ଭାବେ ୨ଟି ଗଛ କାଟି ନିଆଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ପରେ କୁପାରୀ ଫରେଷ୍ଟର ଗଛ କଟାଯାଇଥିବା ସ୍ଥାନକୁ ଯାଇ ଗଛ ଓ କଟର ମେସିନ ଜବତ କରିଛନ୍ତି । ଉକ୍ତ ସମିତି ପରିସରରେ ଥିବା ୨ଟି ପୁରାତନ ଗଛକୁ ବିନା



ଅନୁମତିରେ କେହି ରାତିଅଧିଆ କାଟି ନେଇଥିଲେ । ଗ୍ରାମବାସୀ ମାନେ ଗୁରୁବାର ସକାଳେ ଏହା ଦେଖି ଫରେଷ୍ଟରକୁ ଖବର ଦେଇଥିଲେ ।ଏ ସମ୍ପର୍କରେ ଫରେଷ୍ଟର ଦୁଷ୍ମନ୍ତ ଜେନାଙ୍କୁ ପଚାରିବା ପରେ ଗଛ ଜବତ କରାଯାଇଛି । ତଦନ୍ତ ପରେ ଗଛକାଟିଥିବା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହେବ ବୋଲି କହିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.) ଶୁକ୍ରବାର ଦିନ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଦଲକି ଗ୍ରାମ ପଂଚାୟତର ସମ୍ମିଳନୀ କକ୍ଷ ଠାରେ ବିକଳ୍ପ ବିବାଦ ସମାଧାନ ର ବିଭିନ୍ନ ଉପାୟ ଯଥା ଲୋକ ଅଦାଲତ, ମଧ୍ୟସ୍ଥତା, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ଚଖଇ) ଗୁଡ଼ିକର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା ତଥା ଏହା ଦ୍ୱାରା ବିଚାରକୁ ନିଆଯାଉଥିବା ବିବାଦର ପ୍ରକୃତି ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ ର ଅଧ୍ୟାୟ-୦୩ଇ ଅନୁଯାୟୀ ଯୋଜନାର ଲାଭ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଝାରସୁଗୁଡ଼ା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଆଲୋକମୟୀ ପ୍ରଧାନ ଓ ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ଶ୍ରୀମତୀ ସାଜଦା ବେଗମ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ଉପରୋକ୍ତ ବିଷୟ ବସ୍ତୁ ମାନଙ୍କ ଉପରେ ଆଲୋଚନା କରିବା ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡ଼ିତା କ୍ଷତି ପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟ ରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ, ନାଲ୍ସା ର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହା ସଙ୍ଗେ ସଙ୍ଗେ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ, ମାନ୍ୟବର ସୁପ୍ରୀମ କୋର୍ଟ ଙ୍କ ଦ୍ୱାରା ଆସନ୍ତା ୨୧,୨୨ ଓ ୨୩ ଅଗଷ୍ଟ ରେ ହେବାକୁଥିବା ସମାଧାନ ସମାରୋହରେ କେଉଁ ପ୍ରକାର ମାମଲା ଗୁଡ଼ିକ ର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହେଇ ପାରିବ ତାହା ବିଷୟରେ ପ୍ରାଧିକରଣ ସଚିବ ଉପସ୍ଥିତ ଜନ ସାଧାରଣ ମାନଙ୍କୁ ଅବଗତ କରିଥିଲେ ଏବଂ ଏହାର ଲାଭ ଉଠେଇବା ପାଇଁ ପ୍ରବର୍ତ୍ତାଇଥିଲେ । ସ୍ଥାନୀୟ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା ଓ ଜନ ସାଧାରଣ ତଥା ଆଇନ୍ ସେବା ପ୍ରାଧିକରଣ ର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ମୁଖ କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ ରେ ଯୋଗାଯୋଗ କରିପାରିବେ ବୋଲି ପ୍ରାଧିକରଣ ସଚିବ ସୂଚନା ପ୍ରଦାନ କରିଥିଲେ ।

# ଇଡି ଆକ୍ରୋଶ ବିରୁଦ୍ଧରେ ନୟାଗଡ଼ରେ ସିପିଆଇ ଏମ୍‌ର ବିକ୍ଷୋଭ

ନୟାଗଡ (ନି.ପ୍ର.)- ରାଜନୈତିକ ଦାଉ ସାଧିବା ଲାଗି କେରଳର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ଙ୍କ ଉପରେ କେନ୍ଦ୍ର ପ୍ରବର୍ତନ ନିର୍ଦ୍ଦେଶାଳୟ ମୋଦି ଓ ଶାହାଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଏବଂ ରାଜ୍ୟ ସରକାରଙ୍କ ପ୍ରରୋଚନାରେ ଯେଭଳି ବର୍ବରୋଚିତ ଚଢାଉ କରିଛି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଆଜି ୨୯.୦୫ ରେ ସିପିଆଇ ଏମ୍ ପକ୍ଷରୁ ନୟାଗଡ଼ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ବକ୍ତା ମାନେ ପ୍ରକାଶ କରିଛନ୍ତି । ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଜମେଶ୍ୱର ସାମନ୍ତରାୟ କେନ୍ଦ୍ର ସରକାରର




ଏହି ସ୍ୱୈରତାନ୍ତ୍ରିକ ଆକ୍ରୋଶମୂଳକ ଦମନ ନୀତିକୁ କଟୁ ସମାଲୋଚନା କରି କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ବିମୋଚନ, କର୍ମ ନିଯୁକ୍ତି, ସାଧୁତା, ସାଂପ୍ରଦାୟିକ ସଦ୍ଭାବ ରକ୍ଷାରେ ସାରା ବିଶ୍ୱରେ ରେକର୍ଡ ସୃଷ୍ଟି କରିଥିବା ଦୀର୍ଘ କାଳର କମ୍ୟୁନିଷ୍ଟ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବା ଲକ୍ଷ୍ୟରେ ପିନାରାଇ ଙ୍କ ପରିବାର ବର୍ଗଙ୍କ ଉପରେ ଚଢ଼ାଉ କରିଥିବା ଇଡିକୁ ବିଫଳ ହୋଇ ଖାଲିହାତରେ ଫେରିବାକୁ ପଡିଛି ! ଗଣତନ୍ତ୍ରର କଣ୍ଠରୋଧ କରିବା ପାଇଁ ଯଦି ମୋଦି ସରକାର ଏଭଳି ନଗ୍ନ ପାଗଳାମି ପ୍ରଦର୍ଶନ କରେ, ତେବେ ତାଙ୍କୁ ବାଟକୁ ଆଣିବା ଲାଗି ଆଗାମୀ ଦିନରେ ଦୁର୍ବାର ଲଢେଇ ହେବ ବୋଲି ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି ! ପାର୍ଟିର ବରିଷ୍ଠ ସାଥୀ ନିତ୍ୟାନନ୍ଦ ପରିଡ଼ା, ସୁରେଶ ଚନ୍ଦ୍ର ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ, ଜ୍ୟୋତିପ୍ରଭା ଜେନା, ବୈକୁଣ୍ଠ ଖୁଣ୍ଟିଆ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ !

# ଅନାସ୍ଥା କାର୍ଯ୍ୟକାରୀ କରିବାରେ ବିଳମ୍ବଯୋଗୁଁ ଉପ ଜିଲ୍ଲାପାଳଙ୍କୁ ଘେରିଲେ ଜନପ୍ରତିନିଧି

ନୟାଗଡ଼(ନି.ପ୍ର.) ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିବା ପରେ ନିର୍ବାଚିତ ସରପଂଚ ଓ ସମିତିସଭ୍ୟ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଗତ ୧୮ ତାରିଖ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲେ ସୁଦ୍ଧା ଅନାସ୍ଥା ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ଉପଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବରେ ରହିଥିବା ଦସ୍ତଖତ ଯାଂଚ କରିବାକୁ ପଠାଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଅନେକ ଜନପ୍ରତିନିଧି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଘେରାଉ କରିଛନ୍ତି । ଏକ ବୈଠକରେ ଉପଜିଲ୍ଲାପାଳ ବସିଥିବା ଦେଖି ସମସ୍ତ ନିର୍ବାଚିତ ପ୍ରତିନିଧି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମେ ବସି ରହିଥିଲେ ।



ବୈଠକକୁ ଉପଜିଲ୍ଲାପାଳ ବାହାରିବା ପରେ ପ୍ରଶ୍ନବାଣରେ ତାଙ୍କୁ ଛନ୍ଦିଥିଲେ । କାହିଁକି ବିଳମ୍ବ ହେଉଛି, ଚାପରେ ପ୍ରଶାସନ ଚେପା ହେଉଛି କି ବୋଲି ପ୍ରଶ୍ନ କରିଥିଲେ । ଉପଜିଲ୍ଲାପାଳ କୌଣସି ସନ୍ତୋଷ ଜନକ ଉତର ଦେଇ ପାରିନଥିଲେ । ଯାହାକୁ ନେଇ ଜନପ୍ରତିନିଧିମାନେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ । ଖବରପାଇ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପହଂଚି ଜନପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ । ଦୁଇ ଦିନ ମଧ୍ୟରେ ଅନାସ୍ଥା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ । ଏହି ଘଟଣାକୁ ନେଇ ନୟାଗଡ଼ରେ ରାଜନୈତିକ ମାହୋଲ ଉଷ୍ମ ହେଉଛି । ପ୍ରଶାସନ ସରକାରୀ ଦଳର ହାତ ବାରିଶ ସାଜୁଥିବା ଅଭିଯୋଗ ହୋଇଛି । ନୟାଗଡ଼ ବ୍ଲକ ରାଜନୀତିକୁ ନେଇ ଏବେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି । ୪୫ ଜଣ ସରପଂଚ ଓ ସମିତିସଭ୍ୟ ଅନସ୍ଥା ପାଇଁ ଦସ୍ତଖତ କରି ପ୍ରସ୍ତାବ ଆଗତ କରିଥିବା ବେଳେ ୪ ଜଣ ସରପଂଚ ଓ ସମିତିସଭ୍ୟ ଦସ୍ତଖତ କରିନଥିବା ନେଇ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି । ଆଗାମୀ ଦିନରେ ନୟାଗଡ଼ ବ୍ଲକ ରାଜନୀତି ଭିନ୍ନ ମୋଡ଼ ନେବାର ସମ୍ଭାବନା ସୃଷ୍ଟି ହୋଇଛି ।

# ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ନ୍ତସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ

ଭୁବନେଶ୍ୱର:ସର୍ଜନର ଶେଷ ନାହିଁ । ପୂର୍ଣତାର ଉପଲବ୍ଧି ଆସିଲେ ଆଉ ଲେଖି ହୁଏନାହିଁ । ପ୍ରତି ଲେଖକ କୌଣସି ଲେଖାକୁ ଶେଷ ବୋଲି ମନେ କରିବା ଉଚିତ ନୁହେଁ ବୋଲି ବିଶିଷ୍ଟ ନାଟ୍ୟକାର ଓ ସ୍ତମ୍ଭକାର ବିଜୟ ଦାସ ଉଲ୍ଲେଖ କରିଛନ୍ତି । ଗତ ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତନ୍ତସାହିତ୍ୟ ମାସିକୀନ୍ତକାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ଦାସ ନ୍ତମୋ ସୃଜନ :ମୋ ଜୀବନ ନ୍ତଶୀର୍ଷକ ବକ୍ତବ୍ୟ ରଖିଥିଲେ ।କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ଦାସ ଜଣେ ଉଦଘୋଷକ,



ଗୀତିକାର, ନାଟ୍ୟକାର ଓ ସ୍ତମ୍ଭକାର ଭାବରେ ତାଙ୍କ ଅନୁଭୂତି ବର୍ଣନା କରିଥିଲେ ।ନ୍ତଏ ମାସର କଥାକାରନ୍ତ ଭାବରେ ରଶ୍ମି ରଞ୍ଜନ ରାଉତ ଯୋଗ ଦେଇ ସ୍ୱରଚିତ ଗଳ୍ପ ପାଠ କରିଥଲେ । ପ୍ରଥମେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଅଶୋକ ସିଂହ ସୂଚନା ଦେଇଥିଲେ ।ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ମିନତି ମିଶ୍ର ଓ କୁମୁଦିନୀ ଜୀଙ୍କ ମିଳିତ ସଂଯୋଜନାରେ ପ୍ରଦୀପ୍ତ ବାରିକ, ରଜନୀ ରଞ୍ଜନ, ପ୍ରହରାଜ ଜୟନାରାୟଣ ନନ୍ଦ, ମିହିରକାନ୍ତି ଦାସ, ନୃସିଂହ ତରାଇ, ପ୍ରିୟରଞ୍ଜନ ସାହୁ,କବିତା ପାଠ କରିଥିଲେ ।ଶେଷରେ ଅନୁଷ୍ଠାନର ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କରଦା ସେବା ସମବାୟ ସମିତି ପକ୍ଷରୁ ସାଧାରଣ ସଭା ଓ ଋଣ ବିତରଣ କାର୍ଯ୍ୟକ୍ରମ

ଧାମନଗର(ନି.ପ୍ର.): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ କରଦା ସେବା ସମବାୟ ସମିତି ପକ୍ଷରୁ ଏକ ସାଧାରଣ ସଭା ସହ ଋଣ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ସଭାରେ ବାଲେଶ୍ୱର-



ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଶ୍ରୀଯୁକ୍ତ ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମବାୟ ସମିତିର ଅଧିକାରୀଙ୍କ ସୂଚନା ଅନୁଯାୟୀ, କୃଷକ ମାନଙ୍କୁ ସୁବିଧାରେ ଋଣ ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଭଦ୍ରକର ଉପ-ସହ ନିବନ୍ଧକ ଶ୍ରୀମତୀ ପ୍ରାଚୀତା ଜେନା, ମଣ୍ଡଳ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ମହାନ୍ତି , ଏରିଆ ଅଫିସର ସୁବ୍ରତ ତ୍ରୀପାଠୀ, ଉପ ସଭାପତି ମଧୁସ୍ମିତା ସାମଲ ଏବଂ ଧାମନଗର ଶାଖା ପରିଚାଳକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ପୁହାଣ ।ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କରଦ ସେବା ସମବାୟ ସମିତି ର ସଫଳତା ସମ୍ପର୍କ ରେ କହିଥିଲେ, ସୁଚନା ଥାଉକି ଭଦ୍ରକ ଜିଲ୍ଲାର ୧୦୮ ଟି ସମିତି ମଧ୍ୟରୁ ୬ ଟି ସମିତି ଲାଭାଂଶରୁ କରଦା ସମିତି ପ୍ରଥମ ହୋଇଛି, ଉକ୍ତ ସମିତିରେ ୬୧,୮୮,୮୧୮,୦୦ ଟଙ୍କା ଲାଭଂଶ ହୋଇ ଥିବା ବେଳେ ସମିତି ର ୨୨୮୯ ଜଣ ଚାଷୀ ଙ୍କୁ ୭,୮୫,୬୫୯ ଲାଭାଂଶ ପ୍ରଦାନ କରାଯିବ ବୋଲି ସୂଚନା ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମିତିର ସହ ସମ୍ପାଦକ ବିକାଶ ମହାପାତ୍ର ସ୍ୱାଗତ ଭାଷଣ ଓ ମଂଚ ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ଜ୍ୟୋତି ଶଙ୍କର ଦାସ ସମିତି ର ବିବରଣୀ ପାଠ କରିଥିଲେ । ଏବଂ ସମିତିର ସଭାପତି ଦଶରଥ ଜେନା କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିଲେ ।ପ୍ରାରମ୍ଭରେ ପରିଚାଳନା କମିଟି ର ସଦସ୍ୟ,ପୂର୍ବତନ ସଭାପତି ଓ ପ୍ରତିଷ୍ଠାତା ସଦସ୍ୟ ଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ଜିଲ୍ଲା ଆଇନ ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

କଟକ: (ନି. ପ୍ର.)-ଜିଲ୍ଲା ଆଇନି ପ୍ରାଧିକାରଣ ତରଫରୁ ଏକ ଆଇନ ସଚେତନତା ଶିବିର ସିଡିଏ ସେକ୍ଟର - ୧୧ ନମ୍ବରସ୍ଥିତ ସେବା ପରମ ଧର୍ମ ସାମାଜିକ ଅନୁଷ୍ଠାନ କନଫରେନ୍ସ ଗୃହରେ ଆଇନ ସେବା ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ଏଥିରେ ଜିଲ୍ଲା ଅଇନି ମୁଖ୍ୟ ସମ୍ପାଦକ ମାନ୍ୟବର ଜଗଦୀଶ ଦାସ ମହୋଦୟ ସଂକ୍ଷେପରେ ଆଇନ ସମ୍ବନ୍ଧୀୟ ମହିଳା, ଶିଶୁ, ବୃଦ୍ଧା,ଓ ଅନ୍ୟ ସାମାଜିକ ନାର୍ଯ୍ୟ ଅଧିକାର ବିଷୟ ଗୁଡିକ ଆଲୋକପାତ କରିଥିଲେ । ପ୍ରଶିକ୍ଷଣର ମୁଖ୍ୟ ପ୍ରଶିକ୍ଷକ କୃଷ୍ଣ ଚନ୍ଦ୍ର ସାମନ୍ତରାୟ ମହୋଦୟ ବର୍ଯ୍ୟ ବସ୍ତୁ ଓ ତାର ସାମଗ୍ରୀକ ପୃଥ୍ୱୀକୀକରଣ ତଥା ଉପକାର ଅପକାର ସମ୍ବନ୍ଧୀୟ ସକାରାତ୍ମକ ଭାବରେ ବ୍ୟାଖ୍ୟା କରିଥିଲେ ।ସେବା ପରମ ଧର୍ମର ସମ୍ପାଦିକା ମନୋଜିନି ବେହେରା ମହୋଦୟା ପ୍ରାରମ୍ଭିକ ସୂଚନା ସ୍ୱାଗତ ଅଭିନନ୍ଦନ ସହିତ ଅତିଥି ପରିଚୟ ଓ ସମସ୍ତ କାର୍ଯ୍ୟକ୍ରମର ସହଯୋଗ କାମନା କରିଥିଲେ । ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ସହିତ ଛାତ୍ର ଛାତ୍ରୀ ସେଲ୍ଫ ହେଲ୍ପ ଗ୍ରୁପ୍ ଯୋଗଦେଇ ସଭାରେ ପୁର୍ଣ୍ଣ ଭାବରେ ସହଯୋଗ କରିଥିଲେ ।




# ଗ୍ରାମବାସୀଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର (ନିପ୍ର) ଜଳେଶ୍ୱରର ସମାଜସେବୀ ସମୀର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ୨୮ତାରିଖ ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ରାଜପୁର ଠାରେ ଅନୁଷ୍ଠିତ ଗ୍ରାମବାସୀ ମାନଙ୍କ ଏକ ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ଚିନ୍ମୟ କୁମାର ଦାସ, ଦିବାକର ଦାସ ଓ କିଶୋର ଚନ୍ଦ୍ର ଦାସ ପ୍ରମୁଖ ସୁବର୍ଣରେଖା ନଦୀର ଶିଖରପୁର ବାଲି ଖାଦାନରେ ନିୟମ ବହିର୍ଭୁତ ବାଲି ଉତୋଳନ ବିରୁଦ୍ଧରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି )ପୂର୍ବାଂଚଳ ଜୋନ ପକ୍ଷରୁ ଉକ୍ତ ବାଲିଖାଦାନକୁ ନିଲାମ ନେଇଥିବା ଲିଜଧାରୀ ମାନସ ରଞ୍ଜନ ମହାପାତ୍ରଙ୍କ ଉପରେ ହୋଇଥିବା ମାମଲାର ରାୟ ସମ୍ପର୍କରେ ସାମ୍ବାଦିକ ମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ।ଏନଜିଟି ର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଈଶ୍ୱର ସିଂହ ତାଙ୍କ ରାୟରେ ଆସନ୍ତା ଜୁଲାଇ ୧୫ତାରିଖରେ ଏହି ମାମଲାର ପରବର୍ତୀ ଶୁଣାଣୀ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।ସେହି ଦିନ ନିଲାମଧାରୀ ଅନିୟମିତତା ଅଭିଯୋଗ ଉପରେ ତାଙ୍କର ପକ୍ଷ ରଖିବେ । ବାଲେଶ୍ୱର ଜିଲ୍ଲାପାଳ ମଧ୍ୟ ଏହି ସୈରାତ ପରିଚାଳନା ନେଇ ଆସିଥିବା ଅଭିଯୋଗର ତଦନ୍ତ କରିବା ସହ ଅଭିଯୋଗର ସତ୍ୟତା ଥିଲେ ଆଗାମୀ ଏକ ମାସ ମଧ୍ୟରେ କଣ କାର୍ଯ୍ୟାନୁଷ୍ଠାନ ନେଲେ ଏହାର ଏଡିଆର ରିପୋର୍ଟ ଏନଜିଟିରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଗ୍ରୀନ ଟ୍ରିବ୍ୟୁନାଲ ପୂର୍ବାଂଚଳ ଜୋନ ବେଂଚରେ ବିକ୍ରମ ମାରାଣ୍ଡି ଅଭିଯୋଗ କରିଥିଲେ ଯେ ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣରେଖା ନଦୀର ଶିଖରପୁର ବାଲି ଶଯ୍ୟାରେ ବୈଧ କ୍ଲଷ୍ଟର ପରିବେଶଗତ ମଞ୍ଜୁରୀ ବିନା ଓ ପରିବେଶଗତ ମାନଦଣ୍ଡ ଉଲଂଘନ କରିଚାଲିଥିବା ବାଲି ଖଣି କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବା, ବୈଧ ଡ଼ିଏସଆର ଅନୁପାଳନ, ମେସିନ ଓ ଏକ୍ସକାଭେଟର ବ୍ୟବହାରକୁ ନିଷେଧ କରିବା, ଅନୁମୋଦିତ ପରିମାଣର ଉଲଂଘନ କରି ଅଧିକ ବାଲି ଖଣିର ତଦନ୍ତ ପାଇଁ ସ୍ୱାଧୀନ କମିଟିକୁ ନିର୍ଦ୍ଦେଶ ଦେବା, ରାଜକୋଷକୁ କ୍ଷତି ପହଂଚାଇବା ଏବଂ ଇସି ମାନଦଣ୍ଡ ଉଲଂଘନ କରିବାପାଇଁ ପ୍ଲଟ ପ୍ରତିବାଦୀ ଓ ଖଣି ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା କରିବା, ନଦୀ କୂଳ ଓ ନଦୀ ଶଯ୍ୟାରେ ହୋଇଥିବା କ୍ଷତିକୁ ପୁନଃପ୍ରାପ୍ତି ପାଇଁ ନିର୍ଦ୍ଦେଶ ଦେବା,ଜିପିଏସ ଟ୍ରାକିଙ୍ଗ, ସିସିଟିଭି ନିରୀକ୍ଷଣ, ପରିବହନ ଅନୁମତି ନିରୀକ୍ଷଣ ପ୍ରଣାଳୀକୁ କାର୍ଯ୍ୟକାରୀ କରିବା, ସମୟକାଳୀନ ପରିବେଶଗତ ଅଡିଟ କରିବାକୁ ନିର୍ଦ୍ଦେଶ ଦେବା ଓ ନଦୀର ସୁରକ୍ଷା ବଳୟ ଓ ବନ୍ଧ କୁ ନଷ୍ଟ କରିବା ସହଜଙ୍ଗଲ ଜମି, ଗ୍ରାମ୍ୟ ରାସ୍ତା ମଧ୍ୟ ଦେଇ ଓଭର ଲୋଡିଙ୍ଗ ଗାଡ଼ି ଚଳାଚଳ କରୁଥୁବାରୁ ସ୍ଥାନୀୟ ଭିତିଭୂମି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି କହିଥିଲେ । ଆବେଦନକାରୀ ପୂର୍ବ ଜିଲ୍ଲା ସର୍ଭେ ରିପୋର୍ଟକୁ ବାତିଲ କରିବା ଏବଂ ଏହାର ଆଇନ ଗତ ବୈଧତା ହରାଇଥିବା ବେଳେ ନିର୍ଦ୍ଦେଶାବଳୀର ଖୋଲାଖୋଲି ଉଲଂଘନ କରି ସମ୍ପୂର୍ଣ୍ଣ ବେଆଇନ ଭାବେ ବାଲି ଉତୋଳନ ଚାଲିଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଝାଡ଼େଶ୍ୱର ପାଳ, ମୃତ୍ୟୁଞ୍ଜୟ ଗିରି,ମଧୁସୂଦନ ପାଳ, ସୁଶୀଲ ସାହୁ, ଦେବାଶିଷ ଗୋଛାୟତ, ଈଶ୍ୱର ଚନ୍ଦ୍ର ଦାସ, ପିଣ୍ଟୁ ଦେ, ରାଧାମାଧବ ବିଶ୍ୱାଳ, ଚୈତନ୍ୟ ବେହେରା, ବାପି ବେହେରା, ଭୀମ ମହୁରୀ, ସାଗର ବେରା, କାଳିଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରଥଯାତ୍ରା ଅବସରରେ ରେଳବାଇ ପରିଚାଳନା ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ (ନି.ପ୍ର.)ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ରେଳବାଇ ର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ନ ରେ ସର୍କଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ସମୟରେ ରେଳବାଇର ବିବିଧ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ ।ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ଯାତାୟତ ପାଇଁ ରେଳବାଇ ଏକ ପ୍ରମୁଖ ମାଧ୍ୟମ ।ତେଣୁ ଯାତ୍ରୀ ସୁବିଧା, ସୁରକ୍ଷା, ବିବିଧ ସୂଚନା ପ୍ରଦାନ, ସେମାନଙ୍କ ରହଣି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ରେଳବାଇ କର୍ତୃପକ୍ଷ ଙ୍କ ର ଆୟୋଜନ ସମ୍ପର୍କରେ ବିଷଦ ଭାବେ ଏହି ବୈଠକରେ ଆଲୋଚନା କରାଯାଇଥିଲା ।ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅରୁଣ ବୋଥ୍ରା,କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକ, ଆଇଜି ଆରପିଏଫ ଅଶୋକ ବେହେରା,ଏସ ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା,ରେଲୱେ ଷ୍ଟେସନ ଡାଇରେକ୍ଟର ପ୍ରମୁଖ ଯୋଗ ଦେଇ ପୁରୀ ଠାରୁ କଟକ,ଭୁବନେଶ୍ୱର ଓ



ଖୋର୍ଦ୍ଧା ରୋଡକୁ ଅଧିକ ରେଲ ଚଲାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ ।ଏହା ଦ୍ୱାରା ଯାତ୍ରୀ ମାନଙ୍କ ର ଭିଡ ହ୍ରାସ ହୋଇ ପାରିବ ।ସେହିପରି ଯାତ୍ରୀ ବିଶ୍ରାମ ସ୍ଥଳ, ଶୌଚାଳୟ, ଅଧିକ ଟିକେଟ କାଉଁଟର ଖୋଲିବା, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଯାତ୍ରୀ ମାନଙ୍କୁ ଅଧିକ ରୁ ଅଧିକ ଅପ ଟୁ ଡେଟ ସୂଚନା ପ୍ରଦାନ କରିବା,ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କ ରେ ଅନ୍ନଦାନ ବ୍ୟବସ୍ଥା କରିବା ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ପାନୀୟ ଜଳର ବ୍ୟବସ୍ଥା କରିବା, ଯାତ୍ରୀ ସୁରକ୍ଷା ପାଇଁ ଆରପିଏଫ ଙ୍କୁ ଦାୟିତ୍ୱ ସହ ସିସିଟିଭି ର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା ।ରେଳବାଇ ର ନିର୍ମାଣ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା ।ରେଳବାଇ ପକ୍ଷରୁ ବିଭିନ୍ନ କାର୍ଯ୍ୟ ର ଅଗ୍ରଗତି ଓ ରଥଯାତ୍ରା ଲାଗି ଗ୍ରହଣ କରାଯିବା ପାଇଁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେସନ ଡାଇରେକ୍ଟର ସୂଚନା ଦେଇଥିଲେ ।ପରେ ସମସ୍ତ ଅଧିକାରୀ ମାନେ ପୁରୀ ରେଳଷ୍ଟେସନ ର କ୍ଷେତ୍ର ପରିଦର୍ଶନ କରିଥିଲେ ।ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସଚିନ ପାଟିଲ,ସୌମ୍ୟ ରଞ୍ଜନ ମଲ୍ଲିକ, ଦେବୀ ପ୍ରସାଦ ପ୍ରତାପ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ପ୍ରଶାସନିକ ଓ ପୋଲିସ ଅଧିକାରୀ, ରେଳବାଇ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଧାନ କ୍ୱିଂଟାଲ ପିଛା ୫ ରୁ ୬ କେଜି ପର୍ଯ୍ୟନ୍ତ କଟା ଯାଉଥିବା ଅଭିଯୋଗ

ଖଡ଼ିଆଳ,(ନି.ପ୍ର)ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମ ପଂଚାୟତରେ ଚଳିତ ବର୍ଷ ପ୍ରଥମ କରି ଶୁକ୍ରବାର ଧାନ ମଣ୍ଡି ଉଦ୍ଘାଟନ କରା ଯାଇଥିବା ବେଳେ ଉଦ୍ଘାଟନୀ ଦିନ ହିଁ ଧାନ କିଣା ଆରମ୍ଭ କରାଯାଇଥିଲ । ହେଲେ ଧାନ କିଣୁ ଥିବା ମିଲର୍ସର କର୍ମ ଚାରି ପ୍ରତ୍ୟେକ ଚାଷୀ ଠାରୁ ପ୍ରତି କ୍ୱିଣ୍ଟାଲ ପିଛା ୫ ରୁ ୬ କେଜି କାଟୁଥିବାର ଅଭିଯୋଗ କରିଛନ୍ତି ଚଲାନପଡ଼ା ଗ୍ରାମର ଚାଷୀ ଅଶୋକ କୁମାର ରାଉତ । ସେ ଶୁକ୍ରବାର ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିବା ବେଳେ ପ୍ରତ୍ୟୋକ କ୍ୱିଣ୍ଟାଲ ପିଛା ୫ କେଜି ଧାନ କଟନି ଛଟନି କରିଥିବା ୩ କ୍ୱିଣ୍ଟାଲ ୭୫ କେଜି ଧାନ ଅଧିକ ନେଇଥିବା ଅଭିଯୋଗ କରିଛନ୍ତି । ଚଳିତ ମାସ ୨୦ ତାରିଖରେ ଖଡ଼ିଆଳ ଉପ ବଜାର ପ୍ରଙ୍ଗଣରେ ଧାନ ମଣ୍ଡି ଶୁଭାରମ୍ଭ କରାଯାଇଥିବା ବେଳେ ଚଳିତ ବର୍ଷ ଚାଷୀ ମାନଙ୍କ ଧାନ କ୍ୱିଣ୍ଟାଲ ପିଛା କମ କଟନି ଛଟନି କରିବା ପାଇଁ ନିଷ୍ପତି ନେଇଥିଲେ । ହେଲେ ଖୁଦପେଜ ଗ୍ରାମ ପଂଚାୟତରେ ଧାନ ମଣ୍ଡି ଖୋଲିବା ଆରମ୍ଭ ଦିନରୁ ହିଁ କଟନି ଛଟନି କୁ ମିଲର୍ସ କର୍ମ ଚାରି ମାନେ ପ୍ରାଧାନ ଦେବା ଆରମ୍ଭ କରିଦେଇଛନ୍ତି । ଚାଷୀଙ୍କ କହିବା ଅନୁସାରେ ଏଫ ଏକ୍ୟୁ ପରୀକ୍ଷା କରିବା ପାଇଁ ମେସିନ ମଧ୍ୟ ଅଣା ନ ଯାଇ ଧାନ କୁ ଦେଖି କରି ଓ ଦାନ୍ତ ରେ ଧାନ କୁ ଚାବି କରି କଟନି ଛଟନି କରୁଛନ୍ତି । ଯାହା ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି । ଚାଷୀର ଅଧିକ ଧାନ ନେଇଥିବାର ଯଦି ଭରଣା କରା ଯାଉ ବୋଲି ଚାଷୀ ଦାବି କରିଛନ୍ତି ।ଆଗାମୀ ଦିନରେ ଏହି ପରି କଟନି ଛଟନି କୁ ପ୍ରଶାସନ ଗୁରୁତ୍ୱ ଦିଏ, ରୋକିବାରେ ପ୍ରୟାସ ନ କରେ ,ତେବେ ଚାଷୀ ଆନ୍ଦୋଳନ ଜୋର ଦାର ହେବ ଚାଷୀ ଅଶୋକ କୁମାର ରାଉତ ସମେତ ଉପସ୍ଥିତ ଥିବା ସମସ୍ତ ଚାଷୀ ଚେତାବନୀ ଦେଇଛନ୍ତି । ଏ ବିଷୟରେ ଖଡ଼ିଆଳ ଯୋଗାଣ ଅଧିକାରୀ ସୌମ୍ୟ ରଞ୍ଜନ ମହାନନ୍ଦଙ୍କ ସହିତ ଯୋଗାଯୋଗ କରାଯିବାରୁ ଆମେ ଏଫ୍ଇକ୍ୟୁ ମାନର ଧାନ ସଂଗ୍ରହ କରିବା ପାଇଁ ନିଷ୍ପତି ହୋଇଛି । ହେଲେ ବିନା ଏଫ୍ଇକ୍ୟୁ ମେସିନ୍ ରେ ଚାଷୀଙ୍କ ଧାନକୁ କଟନୀ ଛଟନି କରି ପାରିବେ ନାହିଁ । ଏହାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।

# ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବ

ଭୁବନେଶ୍ୱର : ଖରା ଯୋଗୁଁ ବନ୍ଦ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପୁଣି ଥରେ ଖୋଲିବାକୁ ଯାଉଛି । ଆସନ୍ତା ଜୁନ୍ ୧ରେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ଏପ୍ରିଲ ୨୭ ତାରିଖରେ ଯେଉଁମାନେ ଅନଲାଇନ୍ ଯୋଗେ ନାମ ଓ ଅଭିଯୋଗ ବାବଦରେ ପଞ୍ଜିକରଣ କରିଥିଲେ, ସେହିମାନେ ହିଁ କେବଳ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରି ଅଭିଯୋଗ ଦାଖଲ କରିବେ । ସେମାନେ ଆଉ ପୁନଃ ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ । ଅଭିଯୋଗ ପ୍ରକୋଷ୍ଠକୁ ଆସିବା ବେଳେ ସାଙ୍ଗରେ ପରିଚୟ ପତ୍ର ଓ ଅଭିଯୋଗ ପତ୍ର ଆଣିବାକୁ ବିଭାଗ ପରାମର୍ଶ ଦେଇଛି ।


'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଖବରକାଗଜର ଉତରୋତର ଉନ୍ନତି କାମନା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ସଞ୍ଜୟ କୁମାର ସିଂ
ସରପଂଚ,ଉଉଁରିଆବାଡ଼ ପଂଚାୟତ, ନୀଳଗିରି ବ୍ଲକ୍

'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଖବରକାଗଜର ଉତରୋତର ଉନ୍ନତି କାମନା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ନିମାଇଁ ନାୟକ
ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ
କ୍ଷୁଦ୍ର ଜଳସେଚନ ବିଭାଗ, ନୀଳଗିରି ।

'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଖବରକାଗଜର ଉତରୋତର ଉନ୍ନତି କାମନା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।



ରବିନ୍ଦ୍ର ସିଂ
ସରପଂଚ ମହିଷାପଟ୍ଟା ପଂଚାୟତ, ନୀଳଗିରି ବ୍ଲକ୍




# ଜୁନ୍ ୨ରୁ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ଼ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଜୁନ୍ ୨ ତାରିଖରୁ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ସମୀକ୍ଷା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ସମୀକ୍ଷା କରିବେ । ପ୍ରଥମ ଦିନରେ ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓଙ୍କ ବିଭାଗର ସମୀକ୍ଷା କରାଯିବ । ବିଭାଗର ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ । ଏହାପରେ ଅନ୍ୟ ବିଭାଗର ପ୍ରଦର୍ଶନ ନେଇ ସମୀକ୍ଷା କରାଯିବ । ମୋହନ ସରକାରକୁ ୨ ବର୍ଷ ପୂର୍ତି ଅବସରରେ ସବୁ ବିଭାଗର ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଉଛନ୍ତି । ୯ ତାରିଖ ଭିତରେ ସବୁ ବିଭାଗର ରିପୋର୍ଟ ସମୀକ୍ଷା ଶେଷ ହେବ । ଏନେଇ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ଆମ ବିଭାଗ ବହୁତ କାମ କରିଛି । ପୂର୍ବରୁ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜି ନିବେଶ ଆସୁଥିବା ବେଳେ ଏବେ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ସେମିକଣ୍ଡକ୍ଟର କ୍ଷେତ୍ରରେ ଅଧିକ ପୁଞ୍ଜି ଆସୁଛି । ପୁଞ୍ଜି ନିବେଶ ଠାରୁ ଗ୍ରାଉଣ୍ଡିଂ ଯାଏଁ ବିଭାଗ ମନିଟରିଂ କରୁଛି । ଅନେକ ସଫଳତା ମିଳୁଛି । ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଆ ପିଲାଙ୍କୁ ବିଶ୍ୱ ସ୍ତରରେ ସଫଳତା ମିଳୁଛି । ସମସ୍ତ ଆଇଟିଆଇ କେନ୍ଦ୍ର ଗୁଡିକ ସଶକ୍ତ କରାଯାଇଛି । ୨ ତାରିଖ ଠାରୁ ମୁଖ୍ୟମନ୍ତ୍ରୀ ବିଭାଗ ଦ୍ୱାରା ସମୀକ୍ଷା କରିବେ । ଆମେ ଆମର ରିପୋର୍ଟ ପ୍ରସ୍ତୁତ କରୁଛୁ ।




KANDHAMAL halad
KASAM
(Kandhamal Apex Spices Association for Marketing)
(ISO 22000:2018 & HACCP CERTIFIED)
Pure, Natural & Organic products of the hilly land of Kandhamal are available here.
Netaji Subash Bose Road, Phulbani, Kandhamal – 762 001, ODISHA
Ph: 06842 – 253022
E-mail: orissakasam@rediffmail.com / kasam.organic@gmail.com
Visit us at: kasamorganic.com



# ଓଡ଼ିଶାରେ ଏସ୍ଆଇଆର ଆରମ୍ଭ


ଓଡ଼ିଶାରେ ଶନିବାର ଠାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି । ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ )ନିଜ ନିଜ ଅଂଚଳରେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଂଚ କରୁଛନ୍ତି ।ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ବ[ନ କରାଯାଉଛି ।ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏହି ସଘନ ଅଭିଯାନ ଜାରି ରହିଛି । ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯାଉଛି । ପ୍ରଥମ ଦିନରେ ୨ଲକ୍ଷ ୫୯ହଜାର ୧୬୬ ଜଣ ଭୋଟରଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବ[ନ କରାଯାଇଛି । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି ,ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ ।

# ଲକ୍ଷ୍ନୌରେ ନୌସେନା ଶୌର୍ଯ୍ୟ ବଟିକାର ଉଦ୍‌ଘାଟନ କଲେ ରାଜନାଥ ସିଂହ

ଲକ୍ଷ୍ନୌ : କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ, ରାଜନାଥ ସିଂହ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହିତ ଶନିବାର ଦିନ ଲକ୍ଷ୍ନୌର ସିଜି ସିଟିରେ ୧୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୌସେନା ଶୌର୍ଯ୍ୟ ବାଟିକାର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ଲକ୍ଷ୍ନୌ ଦେଶପ୍ରେମ ଏବଂ ସାମରିକ ଗୌରବର ପ୍ରତୀକ ପାଲଟିଛି । ଉଦଘାଟନୀ ସମାରୋହରେ ଉଦବୋଧନ ଦେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଯେ ନୌସେନା ଶୌର୍ଯ୍ୟ ବଟିକା ଲକ୍ଷ୍ନୌ ପରିଚୟ ପାଇଁ ଏକ ପ୍ରେରଣା ହେବ । ଏହି ଶୌର୍ଯ୍ୟ ବାଟିକା କେବଳ ସ୍ଥାପତ୍ୟର ଏକ ନମୁନା ନୁହେଁ, ଏହା ଆମକୁ ସେନାର ସଂଘର୍ଷ ଏବଂ ଅବଦାନ ବିଷୟରେ ମନେ ପକାଇବ । ପ୍ରତିରକ୍ଷା ମନ୍ତ୍ରୀ ଘୋଷଣା କରିଥିଲେ ଯେ ଏକ ବୁଢ଼ାଜାହାଜ ମଧ୍ୟ ଆସିବ । ସେନାର ବୀରତ୍ୱ ସହିତ ପରିଚିତ ହେବା ପାଇଁ ପିଲା ଏବଂ ପରିବାରକୁ ଆଣିବା ନିଶ୍ଚିତ କରନ୍ତୁ । ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ଭାରତର ପ୍ରତିରକ୍ଷା କ୍ଷେତ୍ର କେବେ ବି ରପ୍ତାନୀ ପାଇଁ ଜଣାଶୁଣା ନଥିଲା । ଆମେ ବାହାରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରୁଥିଲୁ । ଏବେ ଭାରତର ପ୍ରତିରକ୍ଷା କ୍ଷେତ୍ର ଦ୍ରୁତ ଗତିରେ ଆତ୍ମନିର୍ଭରଶୀଳ ହେବା ଦିଗରେ ଅଗ୍ରସର ହେଉଛି । ୨୦୧୪ ପୂର୍ବରୁ ଭାରତ ୧୦୦୦ କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ଉପକରଣ ରପ୍ତାନୀ କରୁଥିଲା । ଏବେ ଆମେ ବିଶ୍ୱର ଅନ୍ୟ ଦେଶକୁ ୪୦ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ରପ୍ତାନୀ କରୁଛୁ । ସେ କହିଥିଲେ ଯେ ଯେତେବେଳେ ଆମେ ଅସ୍ତ୍ରଶସ୍ତ୍ର ନିର୍ମାଣରେ ଆତ୍ମନିର୍ଭରଶୀଳ ହେବୁ, ସେତେବେଳେ ହିଁ ଭାରତକୁ ଶକ୍ତିଶାଳୀ କୁହାଯିବ । ଆମେ ଭାରତୀୟ ସେନା ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଭାରତରେ ହିଁ ନିର୍ମାଣ କରୁଛୁ ।






Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି